

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୦୫ ଅକ୍ଟୋବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 05 October 2024

Vol.No. 35 ■ No.267 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ସୁରକ୍ଷାକର୍ମୀଙ୍କୁ ବଡ଼ ସଫଳତା: ଟଳିଲେ ୩୬ ନକ୍ସଲ

ଛତିଶଗଡ଼, ୦୪/୧୦ (ନି.ପ୍ର): ସୁରକ୍ଷାକର୍ମୀଙ୍କୁ ମିଳିଛି ବହୁତ ବଡ଼ ସଫଳତା। ଛତିଶଗଡ଼ର ନାରାୟଣପୁର-ଦାନ୍ତେୱାଡ ସୀମାନ୍ତରେ ଥିବା ଗୋଟିଏ ଜଙ୍ଗଲରେ ସୁରକ୍ଷାକର୍ମୀଙ୍କ ଗୁଳିରେ ଟଳିଛନ୍ତି ୩୬ ନକ୍ସଲ। ଜଙ୍ଗଲ ମଧ୍ୟରୁ ୩୬ ଜଣ ମାଓବାଦୀଙ୍କ ମୃତଦେହ ଉଦ୍ଧାର ହୋଇଥିବା ବେଳେ ଏବେ ବି ସେଠାରେ ସର୍ଚ୍ଚ ଅପରେସନ ଜାରି ରହିଛି। ତେଣୁ ଆଗକୁ ଆହୁରି ମୃତଦେହ ମିଳିବାର ସମ୍ଭାବନା ରହିଛି। ୩୬ ନକ୍ସଲଙ୍କ ମୃତଦେହ ନିକଟରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ବନ୍ଧୁକ ଜବତ କରାଯାଇଛି। ଗୁରୁବାର ଠାରୁ ଜଙ୍ଗଲ ମଧ୍ୟରେ ଜିଲ୍ଲା ରିଜର୍ଭ ଗାର୍ଡ(ଡିଆରଜି) ଓ ସ୍ପେଶାଲ ଟାସ୍କ ଫୋର୍ସ(ଏସଟିଏଫ) ପକ୍ଷରୁ ନକ୍ସଲ ବିରୋଧୀ ଅଭିଯାନ ଆରମ୍ଭ କରାଯାଇଥିଲା। ଆଜି ପ୍ରାୟ ଦିନ ୧୨.୩୦ ବେଳେ ନକ୍ସଲଙ୍କ ଉପସ୍ଥିତି ସମ୍ପର୍କରେ ସୂଚନା ମିଳିଥିଲା। ନକ୍ସଲମାନେ ସୁରକ୍ଷାକର୍ମୀଙ୍କୁ ଦେଖିବା ମାତ୍ରେ ଗୁଳି ଚଳାଇବା ଆରମ୍ଭ କରିଥିଲେ। ସୁରକ୍ଷାକର୍ମୀଙ୍କ ପକ୍ଷରୁ ମଧ୍ୟ ଏହାର ଜବାବ ଦିଆଯାଇଥିଲା। ଦୀର୍ଘ ସମୟ ଧରି ଗୁଳି ବିନିମୟ ପରେ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଥିଲା। ଏହି ସମୟରେ ୩୬ ଜଣ ମାଓବାଦୀଙ୍କ ମୃତଦେହ

ଉଦ୍ଧାର ହୋଇଛି। ସେମାନଙ୍କ ନିକଟରୁ ଏକେ ୪୭ ସହ ବିପୁଳ ପରିମାଣର ରାଇଫଲ ମିଳିଛି। ଜଣେ ପୁଲିସ୍ ଅଧିକାରୀ କହିଛନ୍ତି, ପ୍ରଥମେ ଗୁଇନ୍ଦା ବିଭାଗ ପକ୍ଷରୁ ସଂଖ୍ୟାଧିକ ମାଓବାଦୀଙ୍କ ଉପସ୍ଥିତି ସମ୍ପର୍କରେ ସୂଚନା ମିଳିଥିଲା। ଏହାପରେ ଓରଚା ଓ ବାରସୁର ପୁଲିସ ଷ୍ଟେସନ ଅଧୀନରେ ଥିବା ଗୋଭେଲ, ନେନ୍ଦୁ ଓ ଥୁଲଥୁଲି ଗାଁରେ ଅପରେସନ ଆରମ୍ଭ ହୋଇଥିଲା। ଅପରେସନ ଚାଲିଥିବା ବେଳେ ଆଜି ମଧ୍ୟାହ୍ନରେ ନେନ୍ଦୁ-ଥୁଲୁଥୁଲି ଗାଁ ନିକଟରେ ଥିବା ଜଙ୍ଗଲରେ ଗୁଳି ବିନିମୟ ଆରମ୍ଭ ହୋଇଥିଲା। ଶେଷରେ ସୁରକ୍ଷାକର୍ମୀଙ୍କ ଗୁଳିରେ ଏତେ ସଂଖ୍ୟକ ମାଓବାଦୀଙ୍କ ମୃତଦେହ ମିଳିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏତେ ବଡ଼ ଏନକାଉଣ୍ଟରରେ ଜଣେ ହେଲେ ବି ସୁରକ୍ଷାକର୍ମୀ ଆହତ ହୋଇ ନାହାନ୍ତି।

ପାକିସ୍ତାନ ଗସ୍ତରେ ଯିବେ ଏସ ଜୟଶଙ୍କର

ନୂଆଦିଲ୍ଲୀ, ୪/୧୦ : ପାକିସ୍ତାନ ଯିବେ ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର। ଇସଲାମବାଦରେ ଆୟୋଜିତ ହେବାକୁ ଥିବା ସଙ୍ଘାଇ ସମ୍ମିଳନୀର ବାର୍ଷିକ ବୈଠକରେ ଯୋଗଦେବାକୁ ସେ ପାକିସ୍ତାନ ଗସ୍ତ କରିବେ। ଅଗଷ୍ଟ ୩୦ରେ ଏନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିଶ୍ଚିତ କରାଯାଇଥିଲା। ସଙ୍ଘାଇ ସମ୍ମିଳନୀରେ ଯୋଗଦେବା ପାଇଁ ପାକିସ୍ତାନ ନିମନ୍ତ୍ରଣ ପଠାଇଥିବା ନେଇ କେନ୍ଦ୍ର ସରକାର ସୂଚନା ଦେଇଥିଲେ। ▶▶ପୃଷ୍ଠା ୭

ବଢ଼ିଲା ରାହୁଲ ଗାନ୍ଧିଙ୍କ ଅଡୁଆ

ନୂଆଦିଲ୍ଲୀ, ୪/୧୦ : ପୁଣି ଅଡୁଆରେ କଂଗ୍ରେସ ସାଂସଦ ତଥା ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧି। ଗୋଟିଏ ଅପରାଧିକ ମାନହାନୀ ମାମଲାରେ ପୁଣେ କୋର୍ଟ ରାହୁଲ ଗାନ୍ଧିଙ୍କୁ ହାଜର ହେବାକୁ ସମନ କରିଛନ୍ତି। ଦିବଂଗତ ବିନାୟକ ଦାମୋଦର ସାବରକରଙ୍କ ସମ୍ପର୍କରେ ରାହୁଲ ଗାନ୍ଧି ଆପତ୍ତିଜନକ ଶବ୍ଦ ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଗତ ବର୍ଷ ରାହୁଲ ବ୍ରିଟେନ ଯାଇଥିବା ବେଳେ ସାବରକରଙ୍କ ସମ୍ପର୍କରେ ଅପମାନସୂଚକ ଟିପ୍ପଣୀ କରିଥିଲେ। ଏହା ବିରୋଧରେ ସାବରକରଙ୍କ ସମ୍ପର୍କୀୟ ପୁତୁରା ପୁଣେର ଗୋଟିଏ କୋର୍ଟରେ ମାନହାନୀ କେସ କରିଥିଲେ। ଏହାର ଶୁଣାଣି କରି କୋର୍ଟ ଆଜି ରାହୁଲ ଗାନ୍ଧିଙ୍କୁ ସମନ କରିଛନ୍ତି। ତାଙ୍କୁ ଅକ୍ଟୋବର ୨୩ରେ କୋର୍ଟରେ ହାଜର ହେବାକୁ ସମନରେ କୁହାଯାଇଛି। ସାତ୍ୟକି ସାବରକର ଗତବର୍ଷ ଏପ୍ରିଲ ମାସରେ ରାହୁଲ ଗାନ୍ଧିଙ୍କ ବିରୋଧରେ ପୁଣେର ମାଜିଷ୍ଟ୍ରେଟ କୋର୍ଟରେ ଅଭିଯୋଗ ଦାଖଲ କରିଥିଲେ। ୨୦୨୩ ମାର୍ଚ୍ଚ ୫ରେ ରାହୁଲ ଗାନ୍ଧି ବ୍ରିଟେନର ଏକ କାର୍ଯ୍ୟକ୍ରମରେ ସାବରକରଙ୍କ ବିରୋଧରେ ଆପତ୍ତିଜନକ ଶବ୍ଦ ପ୍ରୟୋଗ କରିଥିଲେ ବୋଲି ସେ ଅଭିଯୋଗ କରିଥିଲେ। ସାତ୍ୟକି କହିଥିଲେ ରାହୁଲ ଗାନ୍ଧି ସବୁବେଳେ ସାବରକରଙ୍କୁ ଅପମାନିତ କରି ଆସୁଛନ୍ତି। ଏହିକ୍ରମରେ ସେ ୨୦୨୩ ମସିହା ମାର୍ଚ୍ଚ ୫ରେ ବ୍ରିଟେନରେ ଗୋଟିଏ କାର୍ଯ୍ୟକ୍ରମକୁ ସମ୍ବୋଧନ କରିବା ବେଳେ ଜାଣିଶୁଣି ସାବରକରଙ୍କ ସମ୍ପର୍କରେ ଆପତ୍ତିଜନକ ଶବ୍ଦ ବ୍ୟବହାର କରିଥିଲେ।

କନଷ୍ଟେବଲଙ୍କୁ ମରଣାନ୍ତକ ଆକ୍ରମଣ: ଛିଡ଼ିଗଲା ପାପୁଲି

ସମ୍ବଲପୁର, ୦୪/୧୦ (ନି.ପ୍ର): ସମସ୍ୟା ସମାଧାନ କରିବା ପାଇଁ ଯାଇ ଖଣ୍ଡା ଚୋଟ ଖାଇଲେ ପୁଲିସ ବାବୁ। ଦୁର୍ବୃତ୍ତଙ୍କ ଆକ୍ରମଣରେ ଛିଡ଼ିଗଲା ପୁଲିସ ବାବୁଙ୍କ ପାପୁଲି। ଏପରି ଘଟଣା ଘଟିଛି ସମ୍ବଲପୁର ଜିଲ୍ଲା ବୁର୍ଲା ଥାନା ଅନ୍ତର୍ଗତ ଝରାପାଲି ଗାଁରେ। ଆହତ କନଷ୍ଟେବଲଙ୍କ ନାଁ ସରୋଜ ଭୋଇ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ବୁର୍ଲା ମେଡିକାଲରେ ଭର୍ତ୍ତି କରାଯାଇଛି। ତାଙ୍କର ୩ଟି ଆଙ୍ଗୁଳିରେ ମଧ୍ୟ ଗୁରୁତର ଭାବରେ ଆଘାତ ଲାଗିଛି। ଝରାପାଲି ଗାଁରେ ରହୁଥିବା ଜଣେ ଦମ୍ପତିଙ୍କ ମଧ୍ୟରେ କଳହ ହୋଇଥିଲା। ଏନେଇ ପୁଲିସକୁ ଖବର ଦିଆଯାଇଥିଲା। ସରୋଜ ସହ କିଛି ପୁଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଉଭୟଙ୍କୁ ବୁଝାସୁଝା କରିବା ପାଇଁ ଚେଷ୍ଟା କରିଥିଲେ। ଏହ ସମୟରେ ଜଣେ ବ୍ୟକ୍ତି ଧାରୁଆ ଅସ୍ତ୍ରରେ ସରୋଜଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ପାପୁଲିରେ ଆଘାତ ଲାଗିଥିଲା।

ହବିଷ୍ୟାଳୀ ଯୋଜନା: ୬ରୁ ଅନଲାଇନରେ ହେବ ଆବେଦନ

ପୁରୀ, ୦୪/୧୦ (ନି.ପ୍ର): ହବିଷ୍ୟାଳୀ ଯୋଜନାରେ ଆସନ୍ତା ୬ ତାରିଖରୁ ଆରମ୍ଭ ହେବ ଆବେଦନ ପ୍ରକ୍ରିୟା। କେବଳ ଅନଲାଇନ ମାଧ୍ୟମରେ ଆବେଦନ ଗ୍ରହଣ କରାଯିବ। ଏ ନେଇ ସୂଚନା ଦେଇଛନ୍ତି ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ । ସେ କହିଛନ୍ତି, ଅକ୍ଟୋବର ୬ତାରିଖରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇ ୧୧ ତାରିଖ ଯାଏ ଚାଲିବ। edistrict.odisha.gov.in ୱେବସାଇଟରେ ଆବେଦନ କରିପାରିବେ ହବିଷ୍ୟାଳୀ। ୨୫ ଶହ ହବିଷ୍ୟାଳୀଙ୍କ ରହଣି ପାଇଁ ୪ଟି ସ୍ଥାନରେ ବ୍ୟବସ୍ଥା କରାଯିବ। ସବୁ ବର୍ଷ ଭଳି ସବୁ ସୁବିଧା ହବିଷ୍ୟାଳୀଙ୍କୁ ଯୋଗାଇ ଦିଆଯିବ। ଜିଲ୍ଲାପାଳ କହିଛନ୍ତି, ଯେଉଁ ହବିଷ୍ୟାଳୀମାନେ ଆବେଦନ କରିଥିବେ ସେମାନଙ୍କ ▶▶ପୃଷ୍ଠା ୭

ନିଲାମ ହେଲା ମହାପ୍ରଭୁଙ୍କ ଅର୍ପଣ ଚାଉଳ

ପୁରୀ, ୦୪/୧୦ (ନି.ପ୍ର): ନିଲାମ ହେଲା ମହାପ୍ରଭୁଙ୍କ ଅର୍ପଣ ଚାଉଳ । ମୋଟ ୧୦ହଜାର ୩୨୨ କ୍ୱିଣ୍ଟାଲ ଅର୍ପଣ ଚାଉଳକୁ ୨କୋଟି ୮୬ ଲକ୍ଷ ଟଙ୍କାରେ ବିକ୍ରି କରିଛି ଶ୍ରୀମନ୍ଦିର ପ୍ରଶାସନ । କ୍ୱିଣ୍ଟାଲ ପିଛା ୨୭ ଶହ ୮୦ ଟଙ୍କାରେ ଅର୍ପଣ ଚାଉଳ ବିକ୍ରି ହୋଇଛି । ଅର୍ପଣ ଚାଉଳକୁ ଟେଣ୍ଡର ମାଧ୍ୟମରେ ବିକ୍ରି କରିବାକୁ ନିକଟରେ ନିଷ୍ପତ୍ତି ନେଇଥିଲେ ରାଜ୍ୟ ସରକାର। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସମୟରେ ତତ୍କାଳୀନ ସରକାର ରାଜ୍ୟବାସୀଙ୍କ ଠାରୁ ଏହି ଚାଉଳ ସଂଗ୍ରହ କରିଥିଲେ। ମୋଟ ୧୪ହଜାର କ୍ୱିଣ୍ଟାଲ ଚାଉଳ ସଂଗ୍ରହ କରାଯାଇଥିବା ବେଳେ ଏଥିରୁ ୪ହଜାର କ୍ୱିଣ୍ଟାଲ ଚାଉଳ ବ୍ୟବହାର ହୋଇଥିଲା । ବାକି ୧୦ହଜାର କ୍ୱିଣ୍ଟାଲ ଚାଉଳ ନଷ୍ଟ ହେବାକୁ ବସିଥିଲା । ଶେଷରେ ଟେଣ୍ଡର ମାଧ୍ୟମରେ ଏହି ଚାଉଳ ସବୁକୁ ନିଲାମ କରାଯାଇଛି ।

ଧୃତରାଷ୍ଟ୍ର ପାଲଟିଛନ୍ତି ନବୀନ: ଅସହାୟତା ଜଳଜଳ

ନିୟନ୍ତ୍ରଣରେ ନାହିଁ ଦଳ, ନିଜ ନେତ୍ରୀଙ୍କୁ ବି ଦେଇପାରିଲେନି ସୁରକ୍ଷା

ଭୁବନେଶ୍ୱର, ୦୪/୧୦ (ନି.ପ୍ର): ସାଧାରଣ ନିର୍ବାଚନରେ ବିପର୍ଯ୍ୟୟ ପରଠୁ ସତେ ଯେମିତି ବିଜେଡି ଲଗାମଛଡ଼ା ହୋଇପଡ଼ିଛି । ଦଳରେ ଗୋଷ୍ଠୀକନ୍ଦଳ ତୀବ୍ର ହେବାରେ ଲାଗିଛି, ଆଉ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅସହାୟତା ଜଳଜଳ ଦିଶିଲାଣି । ଧୃତରାଷ୍ଟ୍ରଙ୍କ ଭଳି ନବୀନ ନିବାସରେ ବସି ରହି ନବୀନ ଦଳକୁ ଖୋଲାଖୋଲି ଭାବେ ଅଘୋଷିତ ସର୍ବେସର୍ବା ଭିକେ ପାଣ୍ଡିଆନଙ୍କ ହାତରେ ଟେକି ଦେବାର କରୁଣ ପରିଣତି ବି ପୁଣିଥରେ ପ୍ରମାଣିତ ହୋଇଛି । ଦଳର ବିଭିନ୍ନ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକରେ ନେତାମାନଙ୍କ ମଧ୍ୟରେ ତୁତୁମେମେ ଓ ହାତାହାତି ଭଳି ପରିସ୍ଥିତି ଥମିବାର ନାଁ

ଧରୁନଥିବାବେଳେ ବିଜେଡିର ଜଣେ ଆଗଧାଡ଼ିର ନେତ୍ରୀ ସିଧାସଳଖ ନିଜ ଜୀବନ ପ୍ରତି ବିପଦ ଆଶଙ୍କା କରି ସୋସିଆଲ ମିଡିଆରେ ଅପିଲ୍ କଲେଣି । ମହିଳାଙ୍କ ସୁରକ୍ଷା ▶▶ପୃଷ୍ଠା ୭

ଭିଜିଲାନ୍ସ ଜାଲରେ କନିଷ୍ଠ ଯନ୍ତ୍ରୀ

ବଲାଙ୍ଗିର, ୦୪/୧୦ (ନି.ପ୍ର): ପୂର୍ବରୁ ୭ ହଜାର ଟଙ୍କା ନେଇଥିଲେ। ଆଜି ଆଉ ୭ ହଜାର ଟଙ୍କା ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ବଲାଙ୍ଗିର ଜିଲ୍ଲା ବେଲପଡ଼ା ବ୍ଲକର କନିଷ୍ଠ ଯନ୍ତ୍ରୀ ହରେକୃଷ୍ଣ ସାହୁ। ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଛି। ମନରେଗାରେ ହୋଇଥିବା ଏକ କାର୍ଯ୍ୟ ପାଇଁ ନିଯୁକ୍ତ ଜବ୍‌କାର୍ଡଧାରୀଙ୍କୁ ପାରିଶ୍ରମିକ ଦେବାକୁ ମଷ୍ଟର ରୋଲ ପ୍ରସ୍ତୁତ କରିବାକୁ କେସ୍ ରେକର୍ଡ ଫେରସ୍ତ କରିବାକୁ ଅଭିଯୋଗକାରୀ କନିଷ୍ଠ ଯନ୍ତ୍ରୀ ହରେକୃଷ୍ଣ ସାହୁଙ୍କୁ କହିଥିଲେ। କିନ୍ତୁ କନିଷ୍ଠ ଯନ୍ତ୍ରୀ ଶ୍ରୀ ସାହୁ ଏଥିପାଇଁ ୧୪ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। କିଛି ଦିନ ତଳେ ଅଭିଯୋଗକାରୀ କନିଷ୍ଠ ଯନ୍ତ୍ରୀଙ୍କୁ ୭ ହଜାର ଟଙ୍କା ଦେଇଥିଲେ। ତେବେ ପୂରା ଟଙ୍କା ନଦେଲା ପର୍ଯ୍ୟନ୍ତ କେସ୍ ରେକର୍ଡ ଦେବେ ନାହିଁ ବୋଲି କହିଥିଲେ କନିଷ୍ଠ ଯନ୍ତ୍ରୀ। ଅନ୍ୟକୌଣସି ଉପାୟ ନପାଇ ଅଭିଯୋଗକାରୀ ଟୋଲ୍ ଫ୍ରୀ ନମ୍ବର ଜରିଆରେ ଘଟଣା ସଂପର୍କରେ ଭିଜିଲାନ୍ସକୁ ଜଣାଥିଲେ। ▶▶ପୃଷ୍ଠା ୭

ମଧ୍ୟପ୍ରାଚ୍ୟ ସଙ୍କଟ: ପ୍ରଧାନମନ୍ତ୍ରୀଙ୍କ ଜରୁରୀ ବୈଠକ

ନୂଆଦିଲ୍ଲୀ, ୪/୧୦ : ମଧ୍ୟପ୍ରାଚ୍ୟରେ ଗମ୍ଭୀର ହେଉଛି ଯୁଦ୍ଧ ସ୍ଥିତି। ସୁଧୁରିବା ବଦଳରେ ଜଟିଳ ରୂପ ନେଲାଣି ଦୁଇ ମହାଶକ୍ତିଙ୍କ ମଧ୍ୟରେ ଫେସ୍ ଟୁ ଫେସ୍ ୱାର୍। ଇରାନର ଆକ୍ରମଣ ପରେ ଚିହିଁକି ଉଠିଥିବା ଇସ୍ରାଏଲ, ବଡ଼ ଧରଣର ଆଟାକ୍ ପାଇଁ ପ୍ରସ୍ତୁତ କରୁଛି ରଣନୀତି। ଯୁଦ୍ଧର ପ୍ରଭାବ ସାରା ବିଶ୍ୱ ଉପରେ ପଡ଼ିଲାଣି। ଭାରତରେ ବି ତୈଳ, ସୁନା, ଷ୍ଟକ୍ ମାର୍କେଟ ସହ ଅର୍ଥନୀତି ପ୍ରଭାବିତ ହେଲାଣି। ମଧ୍ୟପ୍ରାଚ୍ୟ ସ୍ଥିତିକୁ ନେଇ ଗତରାତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ସୁରକ୍ଷା ବୈଠକ ଅନୁଷ୍ଠିତ ହୋଇ ଯାଇଛି। ସୁରକ୍ଷା ସଂପର୍କିତ କ୍ୟାବିନେଟ୍ କମିଟି ବୈଠକରେ ଗୃହମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଓ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ସହିତ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ମଧ୍ୟ ଯୋଗ ଦେଇଥିଲେ । ଇସ୍ରାଏଲ ଉପରେ ଇରାନର ଆକ୍ରମଣ ପରେ ମଧ୍ୟପ୍ରାଚ୍ୟର ସ୍ଥିତିକୁ ଗଭୀର ଚିନ୍ତାଜନକ ବୋଲି ଏହି ବୈଠକରେ ଦର୍ଶାଯାଇଛି । ଏଥିସହ ଏହି ସଂକଟ ଆହୁରି ବ୍ୟାପକ ହେଲେ, ବାଣିଜ୍ୟ, ତୈଳ, ପେଟ୍ରୋଲିୟମ ଉତ୍ପାଦ ସପ୍ଲାଏ ଚେନ୍ ଓ ଜାହାଜ ଚଳାଚଳ ଆଦି କ୍ଷେତ୍ରରେ ଭାରତକୁ କିଭଳି ଚାଲେଞ୍ଜର ସାମ୍ନା କରିବାକୁ ପଡ଼ିପାରେ, ସେସଂପର୍କରେ ଆଲୋଚନା ହୋଇଥିବା ସୂଚନା ମିଳିଛି । ଏଥିସହ ପ୍ରବାସୀ ଭାରତୀୟଙ୍କ ସୁରକ୍ଷା ଓ ନିରାପତ୍ତା ପ୍ରସଙ୍ଗରେ ବି ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା ହୋଇଥିବା କୁହାଯାଉଛି । ଇରାନର ମିଜାଇଲ୍ ମାଡ଼ ପରେ ପ୍ରତିଶୋଧ ନିଆଁରେ ଜଳୁଥିବା ଇସ୍ରାଏଲ, ଲେବାନନ ରାଜଧାନୀ ବେରୁଟର ୭ଟି ସ୍ଥାନରେ କରିଛି ଜୋରଦାର୍ ହମଲା। ତୁହାକୁ ତୁହା ଏୟାର ଷ୍ଟ୍ରାଇକ ସହ କରାଯାଇଛି ରକେଟ୍ ମାଡ଼। ଆଗକୁ ଇରାନ ଉପରେ ବଡ ଧରଣର ଆକ୍ରମଣ ପାଇଁ ଚାଲିଛି ଯୋଜନା। ଇସ୍ରାଏଲ ଉପରେ ଇରାନର ଆକ୍ରମଣ ପରେ ବସିଛି ଏ୭ ରାଷ୍ଟ୍ର ସମୂହର ଜରୁରୀ ବୈଠକ। ଯେଉଁଥିରେ ଇରାନ ଉପରେ କଠୋର କଟକଣା ଲଗାଇବା ନେଇ ଆଲୋଚନା ହୋଇଛି। ଏଥିସହ ଇସ୍ରାଏଲକୁ ମଧ୍ୟ ଚେତାବନୀ ଦେଇଛନ୍ତି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ। ଏହାରି ଭିତରେ ହମାସର ଜଣେ ପ୍ରମୁଖ ନେତା ରାବି ମୁସ୍ତାହାକୁ ସେନା ନିପାତ କରିଥିବା ଇସ୍ରାଏଲ ଦାବି କରିଛି। ଯୁଦ୍ଧର ପ୍ରଭାବ ସାରା ବିଶ୍ୱ ଉପରେ ପଡ଼ିଲାଣି।

ଲେବାନନରେ ବଡ଼ ଆକ୍ରମଣ ଯୋଜନା: ୩୫ ଅଞ୍ଚଳ ଖାଲି କରିବାକୁ କହିଲା ଇସ୍ରାଏଲ

ନୂଆଦିଲ୍ଲୀ, ୪/୧୦ : ହିଜବୁଲ୍ଲାକୁ ଶେଷ କରିବା ଲାଗି ଇସ୍ରାଏଲ୍ ସେନା ନିଷ୍ପତ୍ତି ନେଇଛି। ଇସ୍ରାଏଲ୍ ଦକ୍ଷିଣ ଲେବାନନର ୩୫ ଗାଁର ଲୋକଙ୍କୁ ତୁରନ୍ତ ସେମାନଙ୍କ ଘର ଛାଡିବାକୁ କହିଛି। ଇସ୍ରାଏଲର ସେନା ମୁଖପାତ୍ର ଲୋକମାନଙ୍କୁ ତୁରନ୍ତ ଘର ଖାଲି କରି ଆୱାଲି ନଦୀର ଉତ୍ତର ଦିଗକୁ ଯିବାକୁ କହିଛନ୍ତି। ଇସ୍ରାଏଲ୍ ସେନା ମୁଖପାତ୍ର ଅଭିଚାଇ ଆଣ୍ଡ୍ରାଇ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ପୋଷ୍ଟ କରିଛନ୍ତି। ଏଥିରେ ଲେଖା ଅଛି ଯେ ଯେଉଁମାନେ ହିଜବୁଲ୍ଲା ଶିବିର ଏବଂ ଯୁଦ୍ଧ ସାମଗ୍ରୀ ନିକଟରେ ଅଛନ୍ତି, ସେମାନେ ତାଙ୍କ ଜୀବନକୁ ବିପଦରେ ପକାଉଛନ୍ତି। ସେ ଆହୁରି ଲେଖିଛନ୍ତି, ଦକ୍ଷିଣ ଅଞ୍ଚଳରେ ଆମର ଯେକୌଣସି ▶▶ପୃଷ୍ଠା ୭

ଆମେରିକାକୁ ଭାରତର କଡ଼ା ଜବାବ

ନୂଆଦିଲ୍ଲୀ, ୪/୧୦ : ଭାରତରେ ଧାର୍ମିକ ସ୍ୱାଧୀନତା କମିବାରେ ଲାଗିଥିବା ଦାବି କରୁଥିବା ଆମେରିକାର ଫେଡେରାଲ ଏଜେନ୍ସିର ଏକ ରିପୋର୍ଟକୁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ବିରୋଧ କରିଛି। ଆମେରିକା ଅନ୍ତରାଷ୍ଟ୍ରୀୟ ଧାର୍ମିକ ସ୍ୱାଧୀନତା କମିଶନ (ୟୁଏସସିଆଇଆରଏଫ) ଦ୍ୱାରା ପ୍ରକାଶିତ ଏହି ରିପୋର୍ଟକୁ ପକ୍ଷପାତିତା ଏବଂ ରାଜନୈତିକ ଉଦ୍ଦେଶ୍ୟମୂଳକ ବୋଲି ଭାରତ ସରକାର ବର୍ଣ୍ଣନା କରିଛନ୍ତି। ଏହି ରିପୋର୍ଟର ଉତ୍ତରରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୈସୱାଲ କହିଛନ୍ତି, ଅନ୍ତର୍ଜାତୀୟ ଧାର୍ମିକ ସ୍ୱାଧୀନତା ଉପରେ ଆମେରିକା ଆୟୋଗ



ବିଷୟରେ ଆମର ମତ ସ୍ପଷ୍ଟ। ଏହା ଏକ ରାଜନେ?ତିକ ଏଜେଣ୍ଡା ସହିତ ଏକ ପକ୍ଷପାତୀ ସଂଗଠନ। ଏହା ତଥ୍ୟକୁ ବିକୃତ କରୁଛି। ଭାରତ ବିଷୟରେ ଏକ ମିଥ୍ୟା କାହାଣୀ ବିସ୍ତାର କରୁଛି। ଆମେ ଏହି ରିପୋର୍ଟକୁ ପ୍ରତ୍ୟାଖ୍ୟାନ କରୁଛୁ। ଏହି ରିପୋର୍ଟରେ ଦର୍ଶାଯାଇଛି ଯେ ୨୦୨୪ମସିହାରେ ଭିଜିଲାନ୍ସ ଗୋଷ୍ଠୀ ଦ୍ୱାରା ବ୍ୟକ୍ତିବିଶେଷଙ୍କୁ ହତ୍ୟା କରାଯାଇଥିଲା, ଆକ୍ରମଣ କରାଯାଇଥିଲା ଏବଂ ଧାର୍ମିକ ନେତାମାନଙ୍କୁ ମନଇଚ୍ଛା ଗିରଫ କରାଯାଇଥିଲା। ପୂଜାପାଠ ସ୍ଥାନଗୁଡିକୁ ଭାଙ୍ଗି ଦିଆଯାଇଥିଲା। ଏହି ରିପୋର୍ଟରେ ଧାର୍ମିକ ସଂଖ୍ୟାଲଘୁଙ୍କ ପ୍ରତି ହିଂସା ସୃଷ୍ଟି କରିବା ତଥା ନାଗରିକତ୍ୱ ସଂଶୋଧନ ଅଧିନିୟମ (ସିଏଏ) ଏବଂ ▶▶ପୃଷ୍ଠା ୭

ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ସମ୍ବଲପୁର, ୦୪/୧୦ (ନି.ପ୍ର): ଦେଶ ସାରା ଚାଲଥିବା ସ୍ୱଚ୍ଛତା ହିଁ ସେବା କାକ୍ରମ ଅବସରରେ ଗତ ତା ୧୭/୦୯/୨୦୨୪, ସେପ୍ଟେମ୍ବର ଠାରୁ ତା ୦୨/୧୦/୨୦୨୪, ଅକ୍ଟୋବର ପର୍ଯ୍ୟନ୍ତ ସମଗ୍ର ସମ୍ବଲପୁର ଜିଲ୍ଲାରେ ନେହେରୁ ଯୁବ କେନ୍ଦ୍ର ସଂଗଠନ ତରଫରୁ ନଅ ଗୋଟି ବ୍ଲକରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସମସ୍ତ ବ୍ଲକରେ ଥିବା ଯୁବ ଅନୁଷ୍ଠାନର ଯୁବକ ଯୁବତୀ ମାନେ ଭାଗ ନେଇଥିଲେ । ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମ ର ସଫଳତା ପାଇଁ ସମ୍ବଲପୁର ଜିଲ୍ଲାର ନେହେରୁ ଯୁବ କେନ୍ଦ୍ର ସଙ୍ଗଠନ ଯୁବଅଧିକାରୀ ମାରିଆନୁସ ବିଲୁଙ୍ଗ ସ୍ୱଚ୍ଛତା ବାବଦରେ ଯୁବକ ଯୁବତୀ ମାନଙ୍କୁ ସଚେତନ କରିଥିଲେ ।

ଦୁତିଆଳ ସ୍କୁଲରେ ସୁରଭି କାର୍ଯ୍ୟକ୍ରମ

କେନ୍ଦ୍ରାପଡା, ୦୪/୧୦ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତଗର୍ତ ଦୁତିଆଳ ସ୍କୁଲ ପରିସରରେ କ୍ଲଷ୍ଟର ସ୍ତରୀୟ ସୁରଭୀ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ୧୨ ଗୋଟି ବିଦ୍ୟାଳୟ ର ପ୍ରାୟ ୨୦୦ ଛାତ୍ରଛାତ୍ରୀ ଭାଗ ନେଇ ତର୍କ, ବାଗ୍ମୀତା, ସଙ୍ଗୀତ, ଗଳ୍ପ, ଚିତ୍ରାଙ୍କନ ପ୍ରଭୃତି ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ରେ ସିଆରସିସି ଶୈଳେନ୍ଦ୍ର କୁମାର ପରିଡା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପ୍ରେଫସର ଅଜୟ ସାମଲ, ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ମେନାରଞ୍ଜନ ପଣ୍ଡା, ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଞ୍ଜୁବାଳା ଜେନା, ସାମ୍ବାଦିକ ମହମ୍ମଦ ଇଲିଆସ ଅତିଥି ରୂପେ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଶ୍ରୀ ସାମଲ କାର୍ଯ୍ୟକ୍ରମ ର ଆଭିମୁଖ୍ୟ ସଂପକର୍ରେ ଅେଲାକପାତ କରିଥିଲେ । ଅତିଥି ପରିଚୟ ଓ ମଂଚ ପରିଚାଳନା ପଣ୍ଡିତ ପ୍ରତାପ କୁମାର ପତି ଓ ରମାକାନ୍ତ ରାଉତ କରିଥିବା ବେଳ ଶିକ୍ଷକ ଗଙ୍ଗାଧର ମହାପାତ୍ର ଧନ୍ୟବାଦ ଅପର୍ଣ କରିଥିଲେ । କାର୍ଯ୍ୟକ୍ରମ ରେ ଚିନ୍ମୟ କୁମାର ନାୟକ, ସୁବ୍ରତ କୁମାର ରଣା, ଅମୂଲ୍ୟ ଜ୍ୟୋତି ଦାସ, ଯମୁନାବାଳା ସାମଲ, ବିନତି ସେନାପତି, ହରପ୍ରିୟା ବିଶ୍ୱାଳ, ରଞ୍ଜିତ ସାହାଣୀ, ରାଜକିଶୋର ନାୟକ, ପ୍ରତୀବାଳା ବରାଳ ପ୍ରମୁଖ ସହେଯାଗ କରିଥିଲେ ।

ଦୁର୍ବୃତ୍ତଙ୍କ ଆକ୍ରମଣରେ ସରପଂଚ ଓ ଦିଅର ଗୁରୁତର: କଟକ ସ୍ଥାନାନ୍ତର

ଘଟଗାଁ, ୦୪/୧୦ (ନି.ପ୍ର): ଦୁର୍ବୃତଙ୍କ ଆକ୍ରମଣରେ ଜଣେ ସରପଂଚ ଓ ତାଙ୍କ ଦିଅର ଲାହୁ ଲୁହାଣ ହୋଇ ଗୁରୁତର ଅବସ୍ଥାରେ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ ହୋଇଥିବା ଜଣାଯାଇଛି ।

ସୂଚନାରୁ ପ୍ରକାଶ, ଘସିପୁରା ବ୍ଲକ ଅନ୍ତର୍ଗତ ପୁରୁଣାବନ୍ଦୋଗୋଡ଼ା ପଂଚାୟତରେ ବୁଧବାର ଦିନ ଗ୍ରାମସଭା ହୋଇଥିଲା । ଭକ୍ତ ଗ୍ରାମ ସଭାରେ ସରପଂଚ ସୁଧାରାଣି ଧିର ଙ୍କ ସହିତ ଅନ୍ୟ ୱାର୍ଡ଼ ସଭ୍ୟ ମାନେ ଉପସ୍ଥିତ ଥିଲେ ହେଲେ ପଂଚାୟତ ନିର୍ବାହୀ ଅଧିକାରୀ ରଣ୍ତିରଞ୍ଜନ ମହାରଣା ଅନୁପସ୍ଥିତ ଥିଲେ । ଏନେଇ ଉକ୍ତ ସଭାରେ ହୋ ହାଲା ସହ ପାଟି ତୁଣ୍ଡ ହୋଇଥିଲା ଏବଂ ଏଥିସହିତ କିଛି ଦୁର୍ବତ ଫଚାୟତ ସଭା ଖାତାକୁ ଛଡାଇ ନେଇଥିଲେ । ଏ ସମ୍ପର୍କରେ ଓ ଦିଅର ସୁଜିତ୍ ଧିର ରାମଚନ୍ଦ୍ରପୁର ଥାନାରେ ଏତଲା ଦେଇଥିଲେ । ଏହାକୁ ନେଇ ଉଭୟ ଗୋଷ୍ଠିଙ୍କ ମଧ୍ୟରେ ଉତେଜନା ରହିଥିବା ବେଳେ ଗୁରୁବାର ଦିନ ପୁରୁଣାବନ୍ଦୋଗୋଡ଼ା ସରପଂଚ ସୁଧାରାଣି ଧିର ଓ ତାଙ୍କ ଦିଅର ସୁଜିତ୍ ଧିର ଏକ ବାଇକ୍ ଯୋଗେ ଯାଜପୁର ଯାଉଥିବା ବେଳେ ହାଠାତ୍ ପୁରୁଣାବନ୍ଦୋଗୋଡ଼ା ଡାକ୍ତରଖାନା ଛକ ନିକଟରେ ଶ୍ରୀକାନ୍ତ ଜେନା ଓରଫ (ହାପୁନ୍ ଜେନା), ଆଶୁତୋଷ ମାଝି (ନିକି ମାଝି), ଭୀମସେନ ମାଝି ପ୍ରମୁଖ ସଂଘବଦ୍ଧ ଆକ୍ରମଣ କରିଥିଲେ । ଏଥିରେ ସରପଂଚ ସୁଧାରାଣି ଧିର ଓ ଦିଅର ସୁଜିତ୍ ଧିର ଆହାତ ହୋଇଥିଲେ । ସେମାନଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତି ହୋଇଥିବା ବେଳେ ପ୍ରାଥମିକ ଚିକିତ୍ସା ପରେ ଅସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି ।

ଧର୍ମଶାଳା ବିଜେପି କାର୍ଯ୍ୟାଳୟ ଭଙ୍ଗାରୁଜା

ଧର୍ମଶାଳା, ୦୪/୧୦ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା ଛକ ନିକଟରେ ଥିବା ବିଜେପି କାର୍ଯ୍ୟାଳୟରେ କେହି ଦୃବୃତ ଗତ କାଲି ବିଳମ୍ବିତ ରାତିରେ ଭଙ୍ଗାରୁଜା କରିଥିବା ଜଣାପଡିଛି । କାର୍ଯ୍ୟାଳୟରେ ଲାଗି ଥିବା ବୋର୍ଡ, ହୋଡିଂଙ୍ଗ ଚିରିବା ସହିତ କାଚ ଝରକାକୁ ଟେକା ପଥର ଫୋପାଡି ଭାଙ୍ଗି ଦେଇଥିବା ଦେଖିବାକୁ ମିଳିଛି । କେହି ଦୃବଦୃତ ବିଳମ୍ବିତ ରାତିରେ ଅସି ହଠାତ୍ କାର୍ଯ୍ୟାଳୟ ଉପରକୁ ଟେକା ଫୋପାଡିଥିଲେ । ପାଖରେ ଥିବା ପଡୋଶୀ ଉଠିବା ପରେ ଦୃବୃତମାନେ ଫେରାର ହୋଇଯାଇଥିଲେ । ଏଠାରେ ସୂଚନା ଯୋଗ୍ୟ ଯେ, ଗତକାଲି ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ଧର୍ମଶାଳା ନିର୍ବାଚନ ମଣ୍ଡଳୀ ୧୧ ନଂ ଜୋନ ବାରକଣାସ୍ଥିତ ହାଟ ପଡିଆରେ ବିଜେପି କର୍ମୀ ସଫେଇ କାର୍ଯ୍ୟକ୍ରମ ସମୟରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ । ଧର୍ମଶାଳା ବିଜେପି ନେତ୍ରୀ ସ୍ମୃତି ରେଖା ପହିଙ୍କ ନେତୃତ୍ୱରେ ସଫେଇ କାର୍ଯ୍ୟ ଚାଲୁ ଥିବା ବେଳେ ଏହାକୁ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ସମର୍ଥକ ବିରୋଧ କରି ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ଓ ଗଣ୍ଡଗୋଳ ହୋଇଥିଲା । ଜେନାପୁର ପୋଲିସ ପଂହଚି ଘଟଣାକୁ ଆୟତକୁ ଆଣିଥିଲେ । ଏନେଇ ଜେନାପୁର ଥାନାରେ ଉଭୟ ପକ୍ଷରୁ ଅଭିଯୋଗ ହୋଇଥିଲା । ତେବେ ଆଜି ଏଭଳି ଘଟଣା ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ଦିନକୁ ଦିନ ଅସନ୍ତୋଷ ବଢିବଢି ଚାଲିଛି ।

ରୁଗୁଡିପଡା ନବରାତ୍ର ଦୁର୍ଗାପୂଜା ପାଇଁ କଳସ ଶୋଭାଯାତ୍ରା

ବଲାଙ୍ଗିର, ୦୪/୧୦ (ନି.ପ୍ର): ବଲାଙ୍ଗିର ନବରାତ୍ର ଦୁର୍ଗାପୂଜା ପାଇଁ ଗୁରୁବାର ସକାଳ ୭ ଘଂଟା ସମୟରେ ରୁଗୁଡିପଡା ମଣ୍ଡପ ଠାରୁ ପୂଜା କମିଟି କର୍ମକର୍ତା ଓ ସଦସ୍ୟମାନେ ଏକ ଶୋଭାଯାତ୍ରା ରେ ବାହାରି ମହାରାଣୀ ସାଗର ଠାରୁ ପୂଜାର୍ଚ୍ଚନା ପରେ ପୂର୍ଣ୍ଣ କଳସ ଦୁର୍ଗା ମଣ୍ଡପକୁ ଅଣାଯାଇଥିଲା । ପୂଜା କର୍ମରେ ପୂଜକ ପଙ୍କଜ ଚତୁର୍ବେଦି, ସୁଖଦେବ ଜୀ, ରିଷଭ ଜୀ, ବଳରାମ ତିଓ୍ୱାରୀ, ନିରଞ୍ଜନ ମହାପାତ୍ର, ସତ୍ୟନାରାୟଣ ପଣ୍ଡା, ସନ୍ତୋଷ ପଣ୍ଡା, ହିମାଂଶୁ ପାଢି, ଲକ୍ଷ୍ମୀ ମହାରଣା, ଭାଗରଥି ମହାକୁର, ଡମ୍ବରୁ ପଶାୟତ, ସ୍ୱସ୍ତିକ ସାହୁ ପ୍ରମୁଖ ସହଯୋଗ କରିଥିଲ । କର୍ତା ଭାବରେ ଆକାଶ ପଣ୍ଡା ଓ ତାଙ୍କ ସହ ଧର୍ମିଣୀ ପଦ୍ମାଳୟା ପଣ୍ଡା ଦାୟିତ୍ୱ ତୁଳାଇଛନ୍ତି । ଏହି ଶୋଭାଯାତ୍ରାରେ ପୂଜା କମିଟିର ସଭାପତି ଚେତନାନନ୍ଦ ପଣ୍ଡା, ଉପସଭାପତି ସଞ୍ଜିବ ଶତପଥି ଓ ପ୍ରଦିପ ପଟ୍ଟନାୟକ, ସହ-ସମ୍ପାଦକ କାହ୍ନୁ କୋଷାଧକ୍ଷ ଦେବାଶିଷ ମହାକୁର, କାର୍ଯ୍ୟକାରି ସଦସ୍ୟ ଶିବାନନ୍ଦ ବାଗ, ବିଷ୍ଣୁଦତ୍ତ ହୋତା, ନୟନ ମହାନ୍ତି, ଜିତୁ ଦାସ, ଶ୍ରୀକାନ୍ତ ରାଉତ, ଆନନ୍ଦ ସାହୁ, ତପନ ସେଠ, ସୁମିତ , ରାହୁଲ ସେଠ, ପ୍ରଶାନ୍ତ ସାହାଣୀ, କିଶନ ପଟ୍ଟନାୟକ, ଚିନ୍ମୟ ଚାନ୍ଦ, ଚିନୁ ବେହେରା, ବିଷ୍ଣୁ ପ୍ରସାଦ ଜାଲ, ଗୋପିନାଥ ଚନ୍ଦନ, ସୁବାଷ ନାଏକ, ଜନ୍ମୟ ଚନ୍ଦନ, ସିଦ୍ଧାନ୍ତ ପୁଜାରୀ, ଅର୍ମାନ ଆଚାର୍ଯ୍ୟ, ଗଣେଷ ସେଠ, ରୋସନ ଦିପ, ଅଭିମନ୍ୟୁ , ଲିଙ୍କନ ପଟ୍ଟନାୟକ, ମିଲନ ସାହାଣୀ, ଚରଣ ସାହାଣି, ଜଳନ୍ଧର ବନଛୋର, ହାଡୁ , ଦିଲିପ ବାଗ, ତାପସ ମମହାନ୍ତି, ସ୍ୱରୁପ ରଥ, ଅଜୟ ରଥ, ଅମ୍ବିକା ନାୟକ, ରାଜେଶ ଘିବେଲା, କାଲିଆ ସେଠ, ପ୍ରମୋଦ ନନ୍ଦ, ପଂଚାନନ ଗଡୁଆ, ପ୍ରଦିପ ନାଏକ, ଦୁର୍ଯ୍ୟୋଧନ ନାଏକ, ନବୀନ ବାରିକ, ପ୍ରେମ ସେଠ, କଏଁରୁ , ଗୋପାଳ ବହିଦାର ପ୍ରମୁଖ ଉପସ୍ଥିତ ଥିଲେ ।

ରୂପାନ୍ତରିତ ହେଲା ଉପାନ୍ତ ଜିଲ୍ଲାର ଅଙ୍ଗନୱାଡି କେନ୍ଦ୍ର

ସମ୍ବଲପୁର, ୦୪/୧୦ (ନି.ପ୍ର): ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭୁବନେଶ୍ୱର ଏବଂ ଆଂଚଳିକ ବ୍ୟବସାୟ କାର୍ଯ୍ୟାଳୟ, ଭବାନୀପାଟଣା ସହଯୋଗୀତାରେ ଏବଂ ସାର୍କ୍, ସମ୍ବଲପୁର ଆନୁକୁଲ୍ୟରେ ଭବାନୀପାଟଣା ଅନ୍ତର୍ଗତ ଜୟପାଟଣା ବ୍ଲକର ଖଲିଆଭଟା ଅଙ୍ଗନବାଡି କେନ୍ଦ୍ର ଏବଂ କଲମପୁର ବ୍ଲକର ବିରିପୁର ଅଙ୍ଗନବାଡି କେନ୍ଦ୍ର ରୂପାନ୍ତରଣ କରାଯାଇଅଛି । ଏହି କାର୍ଯ୍ୟକ୍ରମରେ ଏସ୍. ବି. ଆଇ ଜୟପାଟଣା ର ମୁଖ୍ୟ ପ୍ରବନ୍ଧକ ପ୍ରଭାକର ଦାସ, ଆଇ.ସି. ଡି. ଏସ୍. ନିରୀକ୍ଷକ ସ୍ମାସିନୀ ମାଝୀ ଏବଂ ଖଲିଆଭଟା ସରପଂଚ ଶ୍ରୀମତୀ ପୁଝାରୀ ଯୋଗଦାନ କରି ଶିଶୁ ମାନଙ୍କର ସର୍ବାଙ୍ଗୀନ ବିକାଶ ଏବଂ ସୃଜନ ଶୀଳତାର ଅଭିବୃଦ୍ଧି ବାବଦରେ ଅବଗତ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା, ଡିଜିଟାଲ ଶିକ୍ଷା ବିଭିନ୍ନ ପ୍ରକାର ଖେଳ ଓ ଶିକ୍ଷଣ ସାମଗ୍ରୀ ଅଙ୍ଗନବାଡି କେନ୍ଦ୍ରକୁ ପ୍ରଦାନ କରାଯିବା ସଙ୍ଗେ ସଙ୍ଗେ କେନ୍ଦ୍ରର ସୌନ୍ଦର୍ଯ୍ୟ କରଣ କରାଯାଇଅଛି । ଏହି କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ପରିଚାଳନା କରିବା ପାଇଁ ସାର୍କ୍ ଅନୁଷ୍ଠାନର ପ୍ରକଳ୍ପ ଅଧିକାରୀ ମାନସ କୁମାର ମହାନ୍ତି, ସନ୍ଦୀପ କୁମାର ଭୋଇ ଏବଂ ଅନ୍ୟ ସହକର୍ମୀ ମାନେ ସହଯୋଗ କରିଥିଲେ । ସେହିପରି ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭୁବନେଶ୍ୱର ଏବଂ ଆଂଚଳିକ ବ୍ୟବସାୟ କାର୍ଯ୍ୟାଳୟ, ବଲାଙ୍ଗୀର ସହଯୋଗୀତା ରେ ବଲାଙ୍ଗୀର ସ୍ଥିତ ସକମା ୧ ଏବଂ ସକମା ୨ ଅଙ୍ଗନବାଡି କେନ୍ଦ୍ରକୁ ରୂପାନ୍ତରଣ କରାଯାଇଅଛି । ଏହି କାର୍ଯ୍ୟକ୍ରମରେ ଏସ୍ ବି ଆଇ ସମ୍ବଲପୁର ପ୍ରାଶାସନିକ କାର୍ଯ୍ୟାଳୟ ର ଡି.ଜି.ଏମ୍ ସଞ୍ଜୟ କୁମାର ଝା ମୁଖ୍ୟ ଅତିଥି,ଆଂଚଳିକ ବ୍ୟବସାୟ କାର୍ଯ୍ୟାଳୟ ବଲାଙ୍ଗୀରର ଆରଏମ୍ ପ୍ରଦ୍ୟୁମ୍ନ କୁମାର ସ୍ୱାଇଁ ସମ୍ମାନିତ ଅତିଥି ରୂପେ ଯୋଗଦାନ କରି ଶିଶୁ ଓ ମା ମାନଙ୍କୁ ଉଦବୋଧନ ଦେଇଥିଲେ । ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ବଲାଙ୍ଗୀର ଶ୍ରୀମତୀ ସ୍ମାସିନୀ ମିଶ୍ର କାର୍ଯ୍ୟକ୍ରମରେ ଯୋଗଦାନ ଦେଇ ଶିଶୁ ମାନଙ୍କର ସର୍ବାଙ୍ଗୀନ ବିକାଶ ଏବଂ ସୃଜନ ଶୀଳତା ର ଅଭିବୃଦ୍ଧି ବାବଦରେ ଅବଗତ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା, ଡିଜିଟାଲ ଶିକ୍ଷା ବିଭିନ୍ନ ପ୍ରକାର ଖେଳ ଓ ଶିକ୍ଷଣ ସାମଗ୍ରୀ ଅଙ୍ଗନବାଡି କେନ୍ଦ୍ର କୁ ପ୍ରଦାନ କରାଯିବା ସଙ୍ଗେ ସଙ୍ଗେ କେନ୍ଦ୍ର ର ସୌନ୍ଦର୍ଯ୍ୟ କରଣ କରାଯାଇଅଛି । ସାର୍କ୍ ଅନୁଷ୍ଠାନର ସମ୍ପାଦକ ଅଶୋକ କୁମାର ପାଣିଗ୍ରାହୀ, ପ୍ରକଳ୍ପ ଅଧିକାରୀ ମଧୁସୂଦନ ଚଇନି ଏବଂ ଅନ୍ୟ ସହକର୍ମୀ ମାନେ କାର୍ଯ୍ୟକ୍ରମରେ ଯୋଗଦାନ କରି ରୂପାନ୍ତରଣ ପ୍ରକ୍ରିୟାକୁ ସୁରୁଖୁରୁରେ ରେ ସମ୍ପାଦନ କରାଇଥିଲେ । ଅନ୍ୟ ପକ୍ଷରେ ଏସ୍ବି ଆଇ ଆଂଚଳିକ ବ୍ୟବସାୟ କାର୍ଯ୍ୟାଳୟ କୋରାପୁଟ ଅନ୍ତର୍ଗତ ରାବନାଗୁଡା ଅଙ୍ଗନବାଡି କେନ୍ଦ୍ର ଏବଂ ମାଲକାନଗିରି ଅନ୍ତର୍ଗତ ନାଏକଗୁଡା ଅଙ୍ଗନବାଡି କେନ୍ଦ୍ରର ରୂପାନ୍ତରଣ କରାଯାଇଅଛି । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରର ସୌନ୍ଦର୍ଯ୍ୟ କରଣ କରାଯିବା ସଙ୍ଗେ ସଙ୍ଗେ ଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା, ଟିଭି ମାଧ୍ୟମ ରେ ଡିଜିଟାଲ ଶିକ୍ଷା, ବିଭିନ୍ନ ପ୍ରକାର ଖେଳ ଏବଂ ଶିକ୍ଷଣ ଉପକରଣ ପ୍ରଦାନ କରାଯାଇ ଥିଲା ।ଏହି କାର୍ଯ୍ୟକ୍ରମରେ ଆଂଚଳିକ ପ୍ରବନ୍ଧକ ଜୟପୁରର ସୁବାଷ ଚନ୍ଦ୍ର ବେହେରା, ଏସ୍. ବି. ଆଇ ମାନବ ସମ୍ବଳ ପ୍ରବନ୍ଧକ, ଶୁଭ୍ରାଂଶୁ ନନ୍ଦ ଏବଂ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଜୟପୁର କାଂଚନ ପଣ୍ଡା ପ୍ରମୁଖ ଯୋଗ ଦାନ କରି ଶିଶୁ ମାନଙ୍କର ସର୍ବାଙ୍ଗୀନ ବିକାଶରେ ସୃଜନ ଶୀଳତାର ଆବଶ୍ୟକତା ଓ ଗୁରୁତ୍ୱ ଦିଗରେ ଆଲୋକପାତ କରିଥିଲେ ।ଏଥିରେ ସାର୍କ୍, ସମ୍ବଲପୁର ଅନୁଷ୍ଠାନର ପ୍ରକଳ୍ପ ଅଧିକାରୀ ମଧୁସୂଦନ ଚଇନିଙ୍କ ସହିତ ଅନ୍ୟ ସ୍ୱେଚ୍ଛାସେବୀମାନେ ଏହାର ସୁପରିଚାଳନା କରିଥିଲେ ।

ସମ୍ବଲପୁରରେ ନବରାତ୍ର ପାଇଁ ମନ୍ଦିର ଏବଂ ପୀଠ ଉତ୍ସବ ମୁଖର

ସମ୍ବଲପୁର, ୦୪/୧୦ (ନି.ପ୍ର): ଆଶ୍ୱିନ ମାସ ଶୁକ୍ଳ ପକ୍ଷ ପ୍ରତପଦା ତିଥିରେ ଆଜି ବିଭିନ୍ନ ମନ୍ଦିର ଏବଂ ପୀଠମାନଙ୍କରେ ଶାରଦୀୟ ଦୁର୍ଗାଙ୍କ ନବରାତ୍ର ପୂଜା ଆରମ୍ଭ ହୋଇଛି । କଳସ ପ୍ରତିଷ୍ଠା ସହିତ ମନ୍ଦିର ମାନଙ୍କରେ ସ୍ୱତନ୍ତ୍ର ପୂଜାବିଧି କରାଯାଉଛି । ମହାନଦୀ ଓ ବିଭିନ୍ନ ପୁଷ୍କରିଣୀରୁ ପୂର୍ଣ୍ଣ କଳସ ଧରି ଶୋଭାଯାତ୍ରା ସହିତ ମହିଳାମାନେ ମନ୍ଦିର ଓ ପୀଠମାନଙ୍କରେ ପୂର୍ବାହ୍ନରେ ପହଞ୍ଚି ଥିଲେ । ସମଲେଶ୍ୱରୀ, ପାଟଣେଶ୍ୱରୀ, ବାଟମଙ୍ଗଳା, ଚାଉଁରପୁରର ସମଲାଇ, ଦୁର୍ଗାପାଲି, ଗୋପାଲପାଲି, ବଡ଼ରମା, ମାନେଶ୍ୱର, ଗୁଡ଼ିଆଲି ପୁଷ୍କରିଣୀ ଓ ରେମେଡ଼ର ବନଦୁର୍ଗା, ଫାଟକର ମହାମାୟା, ଦଲାଇପଡ଼ା ଏବଂ ଅଇଁଠାପାଲିର ବାଟମଙ୍ଗଳା, କ୍ଷେତରାଜପୁରର ବୈଷ୍ଣୋଦେବୀ, ବାଲିବନ୍ଧା ଓ କୁଞ୍ଜେଲପଡ଼ାର ବୁଢିମାଁ, ମାନେଶ୍ୱର, ଗୋଲବଜାର, ବଡ଼ବଜାର, ହୀରାକୁଦ ଓ ନନ୍ଦପଡ଼ାର ଦୁର୍ଗା, ମୁଦିପଡ଼ା ଓ ଶକ୍ତିଛକର ଭୁବନେଶ୍ୱରୀ, ଗୋପାଲଜୀମଠ ଏବଂ ମହାନ୍ତିପଡ଼ା ଦଧିବାମନ ମନ୍ଦିରର ବେଢାରେ ଥିବା ଦୁର୍ଗା, ସାକ୍ଷିଗୋପୀନାଥପଡ଼ା ଏବଂ ସମଲାଇପଦରର ସମଲାଇ, ନନ୍ଦପଡ଼ାର କୋଶଲେଶ୍ୱରୀ ଲମଡୁମ୍ବରରି ଗୁପ୍ତେଶ୍ୱରୀ, ଖିଣ୍ଡା, ନୂଆରମ୍ପେଲା ଓ ଲଇଡ଼ାର ସମଲେଶ୍ୱରୀ, ଚିପିଲିମା ମହାନଦୀ କୂଳରେ ଆସୀନ ଘଂଟେଶ୍ୱରୀ, ମାଲତୀ ଗୁଣ୍ଡେରପୁରର ଲିମସରିଏନ, ଖଣ୍ଡୁଆଳର ମେଟାକାନି, ଧମାର ଝାଡ଼େଶ୍ୱରୀ, କାଳିବାଡ଼ିର କାଳି, ବଇଦାର ନୂଆଁପାଲିର କାମାକ୍ଷା, ମାନେଶ୍ୱରର ପଥେଇ ଦୁର୍ଗାଙ୍କ ସହିତ ଜିଲ୍ଲାର ବିଭିନ୍ନ ଗାଁ ଏବଂ ସହରରେ ଥିବା ଗ୍ରାମଦେବୀ ପୀଠରେ ଶାରଦୀୟ ପୂଜା ଉପଲକ୍ଷେ ସ୍ୱତନ୍ତ୍ର ଆୟୋଜନ କରାଯାଇଛି । ଭୋର ସମୟରୁ ଗମ୍ଭୀରା ନୀତି ପରେ ମନ୍ଦିର ଦ୍ୱାର ଖୋଲାଯାଇଥିଲା । ଭକ୍ତମାନେ ଦେବୀପୀଠ ଓ ମନ୍ଦିରମାନଙ୍କରେ ହଜାର ହଜାର ମାନସିକ ଜାଗର ପ୍ରଜ୍ୱଳନ କରିଛନ୍ତି । ଘରମାନଙ୍କରେ ମଧ୍ୟ ପରମ୍ପରା ଅନୁଯାୟୀ ଇଷ୍ଟଦେବୀଙ୍କ ପୂଜା କରାଯାଉଛି । ସର୍ବତ୍ର ଚଣ୍ଡୀପାଠ ସହିତ ଦେବୀଙ୍କୁ ଆବହନ ସକାଶେ ମନ୍ତ୍ରୋଚ୍ଚାରଣ ଯୋଗୁ ପରିବେଶ ମୁଖରିତ ହୋଇଛି । ମନ୍ଦିର ମଧ୍ୟରେ ଏଥର ପୂଜକ ମାନେ ପାରମ୍ପାରିକ ପୂଜା ନୀତି କରୁଛନ୍ତି । ସମଲାଇ ମନ୍ଦିରର ଆଲତୀ ଆଦି କାର୍ଯ୍ୟକ୍ରମକୁ ଭକ୍ତ ମାନଙ୍କ ଦର୍ଶନ ସକାଶେ ସାମାଜିକ ଗଣ ମାଧ୍ୟମ ଜରିଆରେ ପ୍ରସାରଣ ପାଇଁ ବ୍ୟବସ୍ଥା କରାଯାଇଛି । ବିଭିନ୍ନ ଦେବୀ ମନ୍ଦିରରେ ଆଜି ଜଗତଜନନୀ ଶୈଳପୁତ୍ରୀ ବେଶରେ ଦର୍ଶନ ଦେଉଛନ୍ତି । ସମ୍ବଲପୁର ସହରର ୫୭ଟି ସମେତ ଜିଲ୍ଲାର ଶତାଧିକ ସାର୍ବଜନୀନ ମଣ୍ଡପରେ ଏଥର ଦୁର୍ଗା ପୂଜା ପାଇଁ ପ୍ରସ୍ତୁତି କରାଯାଉଛି । ସମଲେଶ୍ୱରୀ ମନ୍ଦିରରେ ୪, ୫ ଓ ୬ ତାରିଖ ଯଥାକ୍ରମେ ଦ୍ୱିତୀୟ, ତୃତୀୟା ଏବଂ ଚତୁର୍ଥୀ ପୂଜା ହେବ ଏବଂ ୭ ତାରିଖ କଳ୍ପାରମ୍ଭ ଓ ୮ ତାରିଖ ଷଷ୍ଠୀ ନୀତି ନିର୍ବାହନ କରାଯିବ । ୯ ତାରିଖ ମହାସପ୍ତମୀ ଓ ତ୍ରିଦିନାତ୍ମକ ଦୀପ ପ୍ରଜ୍ୱଳନ କରାଯିବ । ୧୦ ତାରିଖ ମହାଷ୍ଟମୀ ପୂଜା, ଭାଇଜିଉଁତିଆ ପର୍ବ, ମାଁ ସମଲେଶ୍ୱରୀଙ୍କ ଖଣ୍ଡା ଧୁଆ ନୀତି, ୧୧ ତାରିଖ ମହା ନବମୀ, ୧୦ ତାରିଖ ଦଶହରା ଓ ରଣଜିତା ଉତ୍ସବ ପାଳନ କରାଯିବ ବୋଲି ଶ୍ରୀ ଶ୍ରୀ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି ।

ବ୍ଲକ ସ୍ତରୀୟ ମନରେଗା ଜନ ଶୁଣାଣୀ ଶିବିର ଅନୁଷ୍ଠିତ

ଚମ୍ପୁଆ, ୦୪/୧୦ (ନି.ପ୍ର): ଚମ୍ପୁଆ ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ମନରେଗା ଜନ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରକୁ ଚମ୍ପୁଆ ବ୍ଲକ ଉନ୍ନୟନ ଅଧିକାରୀ ରାଜା ରଞ୍ଜିତ ପ୍ରତାପ ବଳ ପରିଚାଳନା କରିଥିଲେ । ଶିବିରରେ ଚମ୍ପୁଆ ବ୍ଲକ ସହକାରୀଯନ୍ତ୍ରୀ, ଏପିଓଙ୍କ ସହିତ ବିଏସଏ ଚନ୍ଦନ ଅମୃତାୟନ ଆଇଚ ପ୍ରମୁଖ ଯୋଗ ଦେଇ ଜନ ଶୁଣାଣୀକୁ ଆସିଥିବା ଅଭିଯୋଗ ଉପରେ ଶୁଣାଣି କରିଥିଲେ । ଏହି ଶିବିରରେ ଚମ୍ପୁଆ ବ୍ଲ

ଧ୍ୱନି ପ୍ରତିଧ୍ୱନି

୨ ♣ ବାଲେଶ୍ୱର ♣ ଶନିବାର, ୦୫ ଅକ୍ଟୋବର ୨୦୨୪

ଏହି ଦିନଗୁଡିକରେ ଆରମ୍ଭ କରନ୍ତୁ ଗୃହ ନିର୍ମାଣ: ଆସିବ ନାହିଁ ସମସ୍ୟା

ପ୍ରତ୍ୟେକଟି ପକ୍ଷରେ ପନ୍ଦରଟି ତିଥି ହୋଇଥାଏ। ଏହି ପ୍ରତ୍ୟେକର ବିଶେଷତା ରହିଛି। ବାସ୍ତୁଶାସ୍ତ୍ରରେ ଗୃହ ନିର୍ମାଣ ଆରମ୍ଭ ପାଇଁ ଶୁଭ ଓ ଅଶୁଭ ତିଥିର ନିର୍ଦ୍ଧାରଣ କରାଯାଇଛି। ସେଗୁଡ଼ିକ ନିମ୍ନରେ ଆପଣଙ୍କର ଅବଗତ ନିମନ୍ତେ ଦିଆଯାଉଛି। ଏହା ଜାଣି ରଖନ୍ତୁ।

ମନୁଷ୍ୟ ଏହି ପ୍ରକୃତିର ଏକ ମହତ୍ତ୍ୱପୂର୍ଣ୍ଣ ଅଂଶ। ଆମ ଦର୍ଶନ ଶାସ୍ତ୍ରରେ ଅଛି ପ୍ରକୃତି ଓ ପୁରୁଷର ମିଳନରେ ଏହି ଜୀବଜଗତର ସୃଷ୍ଟି। ଏଣୁ ପ୍ରକୃତିରେ କୌଣସି ବି ପରିବର୍ତ୍ତନ ହେଲେ ଏହାର ପ୍ରଭାବ ଆମ ଜୀବନ ଉପରେ ପଡ଼ିଥାଏ। ଏହି ପ୍ରକୃତିର ସୂର୍ଯ୍ୟ, ଚନ୍ଦ୍ର ଏବଂ ଅନ୍ୟ ଗ୍ରହ, ନକ୍ଷତ୍ର ଆଦିଙ୍କର ବିକିରଣ ରଶ୍ମି ମନୁଷ୍ୟ ଉପରେ ଅନେକ ପ୍ରଭାବ ପକାଇଥାଏ।

ଯେହେତୁ ମନୁଷ୍ୟ ଶରୀର ପ୍ରକୃତିର ପାଞ୍ଚତତ୍ତ୍ୱ (ପୃଥିବୀ, ଆକାଶ, ଜଳ, ବାୟୁ ଓ ଅଗ୍ନି) ଦ୍ୱାରା ଗଢ଼ା ଏଣୁ ପ୍ରକୃତିର ପରିବର୍ତ୍ତନ ଦ୍ୱାରା ଏହି ପଞ୍ଚତତ୍ତ୍ୱ ପ୍ରଭାବିତ ହୋଇଥାଏ ଏବଂ ଏହି ପ୍ରକୃତିର ପଞ୍ଚତତ୍ତ୍ୱ, ମଣିଷ ଶରୀରର ପଞ୍ଚତତ୍ତ୍ୱ ଉପରେ ସକାରାତ୍ମକ କିମ୍ବା ନକାରାତ୍ମକ ପ୍ରଭାବ ପକାଇଥାଏ।

ମଣିଷ ବଞ୍ଚିବା ବା ଚଳିବା ପାଇଁ ତିନୋଟି ମୁଖ୍ୟ ଜିନିଷ ଉପରେ ନିର୍ଭର କରିଥାଏ ତାହା ହେଲା ଖାଦ୍ୟ, ବସ୍ତ୍ର ଓ ବାସଗୃହ। ଆମେ ଆକାଶ ତତ୍ତ୍ୱକୁ ଏହି ବାସ୍ତୁ ଶାସ୍ତ୍ରରେ ବାସଗୃହକୁ ମୁଖ୍ୟ ଭାବରେ ନେଇ ପ୍ରକୃତିର ବାସଗୃହ ଉପରେ ସକରାତ୍ମକ ପ୍ରଭାବ ପଡ଼ିବା ପାଇଁ ଚେଷ୍ଟା କରୁଛେ ।

ଶୁଭ ପ୍ରଭାବ ପଡିଲେ ହିଁ ଆମେ ବାସଗୃହରେ ରହି ଶୁଭଫଳ ପାଇବା ଅନ୍ୟଥା ଦୁଃଖ ଦୁର୍ଦ୍ଦଶା ଭୋଗ କରିବା। ଏଣୁ ଜ୍ଞାନୀଗୁଣୀ ଲୋକମାନେ ବାସଗୃହ ନିର୍ମାଣ ପୂର୍ବରୁ ବାସ୍ତୁର ସମସ୍ତ ନିୟମ ପାଳନ କରିଥାନ୍ତି। କିନ୍ତୁ ଏବେ ବି ବହୁତ ଲୋକ ବାସ୍ତୁକୁ କେବଳ ରୋଷେଇ ଘର, ଗାଧୁଆ ଓ ପାଇଖାନା ଘର, ଶୟନ କକ୍ଷ ଭିତରେ ସିମିତ ରଖିଛନ୍ତି।

ସେମାନେ ଭାବୁଛନ୍ତି ଅଗ୍ନିକୋଣରେ ରୋଷେଇ ଘର, ଦକ୍ଷିଣ-ପଶ୍ଚିମ କୋଣରେ ଶୟନ ଗୃହ ଏହିପରି ପ୍ଲାନ୍‌ଟିଏ କରି ଗୃହ ନିର୍ମାଣ କରୁଛନ୍ତି ଏବଂ ଯେତେବେଳେ ସମସ୍ୟାରେ ପଡୁଛନ୍ତି ସେତେବେଳେ କୁହନ୍ତି ଆମେ ତ ବାସ୍ତୁ ହିସାବରେ ଗୃହ କରିଛୁ ପୁଣି ଅସୁବିଧା କାହିଁକି ହେଉଛି।

ତେବେ କେଉଁ କୋଣ ଏବଂ କେଉଁ ଦିଗରେ କ'ଣ ରହିବା କଥା ଏହା ଘର ପ୍ଲାନ୍ ଦେଉଥିବା ଇଞ୍ଜିନିୟର ଏବଂ ସାଧାରଣ ଲୋକ ସମସ୍ତେ ଜାଣନ୍ତି। ଏହା ବାସ୍ତୁର ଏକ ମୁଖ୍ୟ କଥା କିନ୍ତୁ ଏହା ସମ୍ପୂର୍ଣ୍ଣ ବାସ୍ତୁ ନୁହେଁ। ଏଣୁ ଶୁଭ ତିଥିର ଜ୍ଞାନ ହେବା ନିହାତି ଆବଶ୍ୟକ। ସୂର୍ଯ୍ୟଙ୍କର ପ୍ରଭାବ ଦ୍ୱାରା ଦିନ ଓ ରାତି ହୋଇଥାଏ। ଚନ୍ଦ୍ରଙ୍କର ପ୍ରଭାବ ଦ୍ୱାରା ପକ୍ଷର ବିଚାର କରାଯାଇଥାଏ। ଅମାବାସ୍ୟାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଶୁକ୍ଳପକ୍ଷ ଏବଂ ପୂର୍ଣ୍ଣିମାରୁ ଅମାବାସ୍ୟା ପର୍ଯ୍ୟନ୍ତ କୃଷ୍ଣ ପକ୍ଷ।

ପ୍ରତ୍ୟେକଟି ପକ୍ଷରେ ପନ୍ଦରଟି ତିଥି ହୋଇଥାଏ। ଯାହାର ନାମ ପ୍ରତିପଦା, ଦ୍ୱିତୀୟା, ତୃତୀୟା, ଚତୁର୍ଥୀ, ପଞ୍ଚମୀ, ଷଷ୍ଠୀ, ସପ୍ତମୀ, ଅଷ୍ଟମୀ, ନବମୀ, ଦଶମୀ, ଏକାଦଶୀ, ଦ୍ୱାଦସୀ, ତ୍ରୟୋଦଶୀ, ଚତୁର୍ଦ୍ଦସୀ ଓ ଶୁକ୍ଳପକ୍ଷରେ ପୂର୍ଣ୍ଣମୀ ତିଥି ଓ କୃଷ୍ଣପକ୍ଷରେ ଅମାବାସ୍ୟା ତିଥି। ଏହି ପ୍ରତ୍ୟେକର ବିଶେଷତା ରହିଛି। ବାସ୍ତୁଶାସ୍ତ୍ରରେ ଗୃହ ନିର୍ମାଣ ଆରମ୍ଭ ପାଇଁ ଶୁଭ ଓ ଅଶୁଭ ତିଥିର ନିର୍ଦ୍ଧାରଣ କରାଯାଇଛି। ସେଗୁଡ଼ିକ ନିମ୍ନରେ ଆପଣଙ୍କର ଅବଗତ ନିମନ୍ତେ ଦିଆଯାଉଛି। ଏହା ଜାଣି ରଖନ୍ତୁ।

<u>ଶୁଭ ତିଥି:</u>

ଦ୍ୱିତୀୟା, ତୃତୀୟା, ଷଷ୍ଠୀ, ସପ୍ତମୀ, ଦଶମୀ, ଏକାଦଶୀ, ଦ୍ୱାଦସୀ, ତ୍ରୟୋଦଶୀ।

<u>ଅଶୁଭ ତିଥି:</u>

ପ୍ରତିପଦା, ଚତୁର୍ଥୀ, ଅଷ୍ଟମୀ, ନବମୀ, ଚତୁର୍ଦ୍ଦଶୀ, ଅମାବାସ୍ୟା ପ୍ରତିପଦାରେ ଗୃହ ଆରମ୍ଭ କଲେ ଗୃହକର୍ତ୍ତା ଏବଂ ଗୃହବାସୀଙ୍କ ଧନ ଅଭାବ ବା ଦାରିଦ୍ରତା ଆସିଥାଏ ଏବଂ ଗୃହକାମ ଅଧାରୁ ଅଟକି ଯିବାର ସମ୍ଭାବନା ଥାଏ। ଏଣୁ ତିଥିର ବିଚାର କରି ଗୃହ ଆରମ୍ଭ କଲେ ଅଶୁଭ ଫଳ ମିଳି ନ ଥାଏ।

କେଶ ଓ ତ୍ୱଚାର ଯତ୍ନ

ଏହି ଦିନରେ ତ୍ୱଚା ସହ ଆମ କେଶର ମଧ୍ୟ ସଠିକ୍ ଭାବେ ଯତ୍ନ ନେବା ନିତାନ୍ତ ଆବଶ୍ୟକ। କାରଣ ଏହି ଦିନରେ ପ୍ରଦୂଷଣ, ସୂର୍ଯ୍ୟକିରଣ ଆଦି କାରଣରୁ କେଶ ଉପରେ କୁପ୍ରଭାବ ପଡ଼ିଥାଏ ଏବଂ କେଶ ଶୁଷ୍କ ଓ ରୁକ୍ଷ ହୋଇଯାଏ। ଏପରି କ୍ଷେତ୍ରରେ ଆପଣଙ୍କୁ ନିଜ କେଶ ପ୍ରତି ବିଶେଷ ଧ୍ୟାନ ଦେବାକୁ ପଡ଼ିବ। ଖରାଦିନରେ ଝାଳ ହେତୁ କେଶ ଅଠା ଭଳି ଲାଗିଥାଏ। କିଛି ସରଳ ଉପାୟ ଆପଣାଇ ଆମେ କେଶର ଯତ୍ନ ନେଇପାରିବା।

ଏହି ଦିନରେ ଫଳ ଓ ପନିପରିବା ପ୍ରଚୁର ପରିମାଣରେ ଖାଆନ୍ତୁ। ଏହା ଶରୀର ସହ କେଶକୁ ସୁସ୍ଥ ରଖିଥାଏ। କମଳା, ଅମୃତଭଣ୍ଡା, ଜାମୁକୋଳି ଆଦିରେ ଭିଟାମିନ-ସି ଅଧିକ ପରିମାଣରେ ରହିଛି, ଯାହା କେଶକୁ ଉପଯୁକ୍ତ ପରିମାଣରେ ପୋଷକ ତତ୍ତ୍ୱ ପ୍ରଦାନ କରିଥାଏ। କେଶକୁ ଶୁଷ୍କ ହେବାକୁ ଦେଇନଥାଏ।

ଏମିତି ଶାମ୍ପୁ ବ୍ୟବହାର କରନ୍ତୁ, ଯେଉଁଥିରେ ନିମ୍ବ, କର୍ପୂର, ମନ୍ଦାର, ଘିକୁଆଁରୀ, ଭିଟାମିନ୍-ଇ ଆଦି ରହିଥିବ।

ସାମ୍ପୁ କରିବା ପରେ କେଶରେ ଲେମ୍ବୁରସ ଲଗାଇ କିଛି ସମୟ ଛାଡ଼ି ଦିଅନ୍ତୁ। ପରେ ପାଣିରେ ଧୋଇ ଦିଅନ୍ତୁ। ଏହାଦ୍ୱାରା କେଶ ଚମକଦାର ରହିବା ସହ ରୁପି ସମସ୍ୟା ମଧ୍ୟ ଦୂର ହେବ।

ଏକ କପ୍ ଗ୍ରିନ୍ ଟି'ରେ କିଛି ବୁନ୍ଦା ପିପରମେଣ୍ଟ, ସିରକା, ଦହି, ଏକ ଚାମଚ ମହୁ ଓ ଲେମ୍ବୁରସ ମିଶାଇ ଲଗାଇହେବ। ଏହି ପ୍ୟାକ୍ ଲଗାଇବା ପୂର୍ବରୁ କେଶକୁ ଷ୍ଟିମ୍ ଦିଅନ୍ତୁ।

ବେସନ ଓ ଦହିକୁ ମିଶାଇ ଏକ ପ୍ୟାକ୍ ତିଆରି କରି ମୁଣ୍ଡରେ ଲଗାନ୍ତୁ। ୧୦-୧୫ ମିନିଟ୍ ପରେ ଧୋଇ ଦିଅନ୍ତୁ, ତେ?ଲାଂଶ ଦୂର ହେବ।

ତ୍ୱଚାର ଯତ୍ନ

ଆପଣ ଯେଉଁଆଡ଼େ ବି ଯାଇଥା'ନ୍ତୁ ଘରେ ପହଞ୍ଚିଲା ମାତ୍ରେ ପ୍ରଥମେ ଭଲ ଭାବେ ମୁହଁ ଧୋଇ ସଫା କରି ଦିଅନ୍ତୁ।

ଗୋଟେ ଚାମଚ ବେସନ, ଅଳ୍ପ ହଳଦୀ ଓ ଗୋଟେ ଚାମଚ ଗ୍ରିନ୍ ଟି ମିଶାଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇ ୨୦ ମିନିଟ୍ ରଖନ୍ତୁ। ୨୦ ମିନିଟ୍ ପରେ କିଛି ଗୋଲାପ ଜଳକୁ ତୁଳା ସାହାଯ୍ୟରେ ନେଇ ମୁହଁରେ ଲଗାନ୍ତୁ। ଏହାପରେ ଭଲ ଭାବେ ମସାଜ୍ କରି ଧୋଇ ଦିଅନ୍ତୁ। ଏପରି କରିବା ଦ୍ୱାରା ମୁହଁର ବ୍ରଣ ସମସ୍ୟା ଦୂର ହୋଇ ମୁହଁକୁ ସୁନ୍ଦର କରିଥାଏ।

୨ ଚାମଚ କ୍ଷୀରରେ ଅଳ୍ପ ମହୁ ମିଶାଇ ଏହାକୁ ମୁହଁରେ ଲଗାନ୍ତୁ। ୨୦ରୁ ୩୦ ମିନିଟ୍ ରଖିବା ପରେ ଧୋଇ ଦିଅନ୍ତୁ। ଏହାକୁ ନିୟମିତ ୩ ଦିନକୁ ଥରେ ଲଗାଇବା ଦ୍ୱାରା ମୁହଁରେ ବୟସ ବୃଦ୍ଧିର ଛାପ ଜଣା ପଡ଼େନାହିଁ।

ମୃତ୍ତିକାରେ ପଟାସ୍ ହ୍ରାସ ଚିନ୍ତାରେ ସାରା ବିଶ୍ୱ

ଏଡିନ୍‌ବର୍ଗ ବିଶ୍ୱବିଦ୍ୟାଳୟ ଓ ୟୁକେ ସେଣ୍ଟର ଫର ଇକୋଲୋଜି ଆଣ୍ଡ୍ ହାଇଡ୍ରୋଲୋଜିର ଗବେଷକମାନେ ଚଳାଇଥିବା ଏକ ଅନୁଧ୍ୟାନ ଅନୁଯାୟୀ, ମୃତ୍ତିକାରେ ଦିନକୁ ଦିନ ପୋଟାସିଅମ୍ ପରିମାଣ ହ୍ରାସ ହେବାରେ ଲାଗିଛି। ବିଶ୍ୱର ଅନେକ ଅଞ୍ଚଳରେ ଉପୁଜିଥିବା ଏଭଳି ସ୍ଥିତି କୃଷି ବୈଜ୍ଞାନିକମାନଙ୍କ ଚିନ୍ତା ବଢ଼ାଇଦେଇଛି।

ଭଲ ଉତ୍ପାଦନ ପାଇଁ ଆମେ କ୍ଷେତରେ ବିଭିନ୍ନ ପ୍ରକାର ରାସାୟନିକ ସାର ପ୍ରୟୋଗ କରିଥାଉ। ତେବେ ସମ୍ପ୍ରତି ବିଲବାଡ଼ିରେ ଯେତିକି ପୋଟାସିଅମ୍ କୃତ୍ରିମ ଭାବେ ପକାଯାଉଛି, ତାହାଠୁ ଅଧିକ ପରିମାଣର ପୋଟାସିଅମ୍ ମାଟିରୁ କ୍ଷୟ ହୋଇଯାଉଛି ବୋଲି ଜଣାପଡ଼ିଛି। ଏଭଳି ସ୍ଥିତିକୁ ଯଦି ନିୟନ୍ତ୍ରଣକୁ ଅଣାନଯାଏ, ତେବେ ବିଶ୍ୱର ଖାଦ୍ୟ ସୁରକ୍ଷା ବିପନ୍ନ ହୋଇପଡ଼ିବ ବୋଲି ଗବେଷକମାନେ ଆଶଙ୍କା ପ୍ରକଟ କରିଛନ୍ତି। ଉଲ୍ଲେଖଯୋଗ୍ୟ, ପୋଟାସିଅମ୍ ହେଉଛି ଉଦ୍ଭିଦର ଏକ ଗୁରୁତ୍ୱପୂର୍ଣ୍ଣ ପୋଷକ, ଯାହା ଉଦ୍ଭିଦର ଆଲୋକ ସଂଶ୍ଳେଷଣ ଓ ଶ୍ୱାସକ୍ରିୟାରେ ସାହାଯ୍ୟ କରିଥାଏ। ଏହାର ଅଭାବ ଘଟିଲେ ଉଦ୍ଭିଦର ବୃଦ୍ଧିରେ ବାଧା ସୃଷ୍ଟି ହେବା ସହ ଉତ୍ପାଦକତା ମଧ୍ୟ କମିଯାଏ। ତେଣୁ କୃଷକମାନେ ପୋଟାସିଅମ୍‌ର ଅଭାବକୁ ଭରଣା କରିବା ଲାଗି କ୍ଷେତରେ ବିଭିନ୍ନ ପ୍ରକାର ପୋଟାସିଅମ୍ ସମ୍ବଳିତ ସାର ପକାଇଥା'ନ୍ତି।

କୃଷିର ବହୁଳତା ଏବଂ ଫସଲ ଉତ୍ପାଦକତାକୁ ପ୍ରାଧାନ୍ୟ ଦେବା ଯୋଗୁଁ ଦକ୍ଷିଣ-ପୂର୍ବ ଏସିଆର ୪୪ ପ୍ରତିଶତ କ୍ଷେତ, ଲାଟିନ୍ ଆମେରିକାର ୩୯ ପ୍ରତିଶତ କ୍ଷେତ, ସାହାରା-ଆଫ୍ରିକାର ୩୦ ପ୍ରତିଶତ ଓ ପୂର୍ବ ଏସିଆର ୨୦ ପ୍ରତିଶତ କ୍ଷେତ ଏହି ସମସ୍ୟାରେ ଜର୍ଜରିତ।

ଗବେଷକମାନଙ୍କ ଆକଳନ ଅନୁଯାୟୀ, ହାରାହାରି ବିଶ୍ୱର ପ୍ରାୟ ୨୦ ପ୍ରତିଶତ କୃଷିକ୍ଷେତ୍ରର ମୃତ୍ତିକା ପୋଟାସିଅମ୍ ଅଭାବର ଶିକାର ହୋଇଛନ୍ତି। କୃଷିର ବହୁଳତା ଏବଂ ଫସଲ ଉତ୍ପାଦକତାକୁ ପ୍ରାଧାନ୍ୟ ଦେବା ଯୋଗୁଁ ଦକ୍ଷିଣ-ପୂର୍ବ ଏସିଆର ୪୪ ପ୍ରତିଶତ କ୍ଷେତ, ଲାଟିନ୍ ଆମେରିକାର ୩୯ ପ୍ରତିଶତ କ୍ଷେତ, ସାହାରା-ଆଫ୍ରିକାର ୩୦ ପ୍ରତିଶତ ଓ ପୂର୍ବ ଏସିଆର ୨୦ ପ୍ରତିଶତ କ୍ଷେତ ଏହି ସମସ୍ୟାରେ ଜର୍ଜରିତ। ତେବେ ଉକ୍ତ ସାର ମୂଲ୍ୟରେ ବେଳେ ବେଳେ ଅକଳ୍ପନୀୟ ବୃଦ୍ଧି ଯୋଗୁଁ ସାଧାରଣ ଚାଷୀ ବିଲରେ ପୋଟାସିଅମ୍ ପକାଇବା ସମ୍ଭବ ହେଉନାହିଁ। ଉଦାହରଣ ସ୍ୱରୂପ, ୨୦୨୨ ଏପ୍ରିଲ୍‌ରେ ପଟାସ୍ ସାରର ମୂଲ୍ୟ ପୂର୍ବ ବର୍ଷ ତୁଳନାରେ ୫୦୦ ପ୍ରତିଶତ ବଢ଼ିଥିଲା। ଅପରପକ୍ଷେ, ଖଣିମାନଙ୍କରୁ କୃଷି ଚାହିଦାନୁଯାୟୀ ମାତ୍ରାଧିକ ପୋଟାସିଅମ୍ ଖନନ କରିବା ମଧ୍ୟ ପରିବେଶ ଉପରେ କୁପ୍ରଭାବ ପକାଇବ। କାରଣ ଖଣିଜପଥରରୁ ପଟାସ୍ ନିଷ୍କାସନ କରିବା ପ୍ରକ୍ରିୟାରେ ବହୁତ ପରିମାଣର ଲବଣାକ୍ତ ଖଦ ନିର୍ଗତ ହୋଇଥାଏ ଯାହା ମାଟିରେ ମିଶି ମୃତ୍ତିକା ଓ ଜଳକୁ ଲବଣାକ୍ତ କରିବା ସହ ଉଦ୍ଭିଦ ଓ ପ୍ରାଣୀମାନଙ୍କ ପାଇଁ କ୍ଷତିକାରକ ହୋଇଥାଏ। ତେଣୁ ଏଭଳି ସ୍ଥିତିର ମୁକାବିଲା ନିମନ୍ତେ ଆନ୍ତର୍ଜାତିକ ସହଯୋଗ ଭିତ୍ତିରେ ପଟାସ୍‌ର ସୁପରିଚାଳନା ପାଇଁ ଗବେଷକମାନେ ପରାମର୍ଶ କରିଛନ୍ତି। ବିଶେଷ କରି ନାଇଟ୍ରୋଜେନ୍ ଓ ଫସ୍‌ଫରସ୍ ପରି ଅନ୍ୟ ରାସାୟନିକ ପୋଷକର ପରିଚାଳନାରେ ପୋଟାସିଅମ୍‌କୁ ସାମିଲ କରି କିପରି ଜମିର ପୋଟାସିଅମ୍ ସ୍ତର ସହ ଉତ୍ପାଦକତା ବଢ଼ାଯାଇପାରିବ, ସେ ଦିଗରେ ଅଧିକ ଗବେଷଣା ଜରୁରୀ ହୋଇପଡ଼ିଛି।

ଆଜୀବନ ଆଲର୍ଜିର ନୂଆ କାରଣ

ବେଳେ ବେଳେ ଚର୍ମ କୁଣ୍ଡାଇହେବା ବା ଫଳିଯିବା ପରି ଆଲର୍ଜି ବା ଚର୍ମବିକାର ଦେଖାଯାଇଥାଏ। କିଛି ଆଲର୍ଜି ଧୀରେ ଧୀରେ ଉଭେଇଯାଉଥିବା ବେଳେ ଆଉ କିଛି ସାରା ଜୀବନ ବଜାୟ ରହିଥାଏ। ଦୀର୍ଘକାଳୀନ ଆଲର୍ଜି ପାଇଁ ଆମ ଶରୀରର ଏକପ୍ରକାର ରୋଗପ୍ରତିରୋଧକ ଜୀବକୋଷ ଦାୟୀ ବୋଲି ଦୁଇଟି ନୂଆ ଗବେଷଣାରୁ ଜଣାପଡ଼ିଛି। ଗବେଷକମାନଙ୍କ ସିଦ୍ଧାନ୍ତ ଅନୁଯାୟୀ, ଏହି ସ୍ୱତନ୍ତ୍ର ଧରଣର ଜୀବକୋଷଗୁଡ଼ିକ 'ଇମ୍ୟୁନୋଗ୍ଲୋବୁଲିନ୍-ଜି' ନାମକ ଆଣ୍ଟିବଡି ସୃଷ୍ଟି କରିଥା'ନ୍ତି ଯାହା ଆଲର୍ଜି ସହ ଆଦୌ ଜଡ଼ିତ ନୁହେଁ। ତେବେ ସେହି କୋଷଗୁଡ଼ିକ 'ଇମ୍ୟୁନୋଗ୍ଲୋବୁଲିନ୍ ?-ଇ' ନାମକ ଅନ୍ୟ ଏକ ଆଣ୍ଟିବଡି ସୃଷ୍ଟି କରିଥା'ନ୍ତି ଯାହା ଆଲର୍ଜି ସହ ଜଡ଼ିତ। କିଛି ଆଲର୍ଜି ଧୀରେ ଧୀରେ ଉଭେଇଯାଉଥିବା ବେଳେ ଆଉ କିଛି ସାରା ଜୀବନ ବଜାୟ ରହିଥାଏ। ଦୀର୍ଘକାଳୀନ ଆଲର୍ଜି ପାଇଁ ଆମ ଶରୀରର ଏକପ୍ରକାର ରୋଗପ୍ରତିରୋଧକ ଜୀବକୋଷ ଦାୟୀ ବୋଲି ଦୁଇଟି ନୂଆ ଗବେଷଣାରୁ ଜଣାପଡ଼ିଛି। ଏହି ଆଣ୍ଟିବଡିଗୁଡ଼ିକ ଶରୀର ସଂସ୍ପର୍ଶରେ ଆସୁଥିବା ଆଲର୍ଜି ସୃଷ୍ଟିକାରୀ ପରଜୀବୀ ସହ ଲଢ଼ିବାରେ ସାହାଯ୍ୟ କରିବା କଥା, ମାତ୍ର ସେମାନେ ଆଦୌ କ୍ଷତି କରୁନଥିବା ପ୍ରୋଟିନ୍? ପଛରେ ପଡ଼ିଯାଇଥା'ନ୍ତି। ଏହି ଉପକୋଷିକାଗୁଡ଼ିକ ହେଉଛନ୍ତି ଏକପ୍ରକାର ମେମୋରି-ବି କୋଷ, ଯିଏ ଆଲର୍ଜି ସୃଷ୍ଟିକାରୀ ବାହ୍ୟ ଭୂତାଣୁ ଓ ବୀଜାଣୁମାନଙ୍କୁ ମନେ ରଖିଥା'ନ୍ତି। ସେଗୁଡ଼ିକ ଶରୀରରେ ଦୀର୍ଘ ଦିନ ପାଇଁ ଏପରିକି ବର୍ଷ ବର୍ଷ ଧରି ରହିଯାଆନ୍ତି।

ଘରେ ଯଦି ସବୁବେଳେ ଅଶାନ୍ତି ଲାଗି ରହୁଛି ତେବେ ମାନନ୍ତୁ ଏହି ୪ ନିୟମ, ଖେଳିଯିବ ଶାନ୍ତି

ଗୃହ ନିର୍ମାଣର ତ୍ରୁଟି ଯୋଗୁଁ ଅନେକ ସମସ୍ୟା ଭୋଗିବାକୁ ପଡେ। ଏହି କାରଣର ଘରେ ଅଶାନ୍ତି ମଧ୍ୟ ଦେଖାଯାଏ। ତେବେ ଅନେକ ସମୟରେ ଗୃହବାସୀଙ୍କ ଆଚାର ବିଚାରରେ ପରିବର୍ତ୍ତନ ଯୋଗୁଁ ଏହି ସମସ୍ୟା ମଧ୍ୟ ସମାଧାନ ହୋଇପାରେ। ଆସନ୍ତୁ ଜାଣିବା...

ବାସ୍ତୁ ବିଦ୍ୟା ଭାଙ୍ଗିବାର ଶାସ୍ତ୍ର ନୁହେଁ ଏହା ଗଢିବା ବା ନିର୍ମାଣ କରିବାର ବିଦ୍ୟା। ବାସ୍ତୁ ଶାସ୍ତ୍ରର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପ୍ରକୃତି ବା ପରିବେଶରେ ଅନୁକୂଳତା ରକ୍ଷା କରି ଭବନ, ନଗର ଆଦି ନିର୍ମାଣ କରିବା। ଏହା ମାଧ୍ୟମରେ ଆମେ ଆମର ଆବାସ ସ୍ଥଳକୁ ଉର୍ଜାବାନ କରି ନିଜର ଅନୁକୂଳ କରିପାରିବା।

ଏହା ଏକ ଏପରି ବିଜ୍ଞାନ ଯାହାର ପ୍ରଭାବ ବ୍ୟକ୍ତିର ଜୀବନ ଉପରେ ଏବଂ ତା'ର ପାରିପାର୍ଶ୍ୱିକ ଅବସ୍ଥା ଉପରେ ପଡିଥାଏ। ବାସ୍ତୁର ବ୍ୟତିକ୍ରମ ଯୋଗୁଁ ବହୁତ ଅଘଟଣମାନ ପୁରାତନ ରାଜମହଲ ଠାରୁ ନେଇ ବିଭିନ୍ନ ଗୃହ, ନଗର ଆଦିରେ ଦେଖିବାକୁ ମିଳେ। ଯେଉଁ ଘରେ ଦିନେ ବହୁତ ଖୁସିରେ ମାହୋଲ୍ ଥିଲା ସେହି ଘର କାଳକ୍ରମେ ଭୂତ କୋଠିରେ ପରିଣତ ହୋଇଥିବାର ଦେଖାଯାଇଛି।

ଘର କରିବାର କିଛିଦିନ ଭିତରେ ଏପରି ସ୍ଥିତି ସୃଷ୍ଟିହୁଏ ଯେଉଁଥିରେ ଗୃହ କାମ ଅଧାରୁ ବନ୍ଦ ହୋଇଯାଏ ଏବଂ ବିକ୍ରି କରିବା ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଯାଏ। କେଉଁ ଗୃହରେ ବଂଶ ସାରା ରୋଗି ହୋଇଯାନ୍ତି ଏହିପରି ଅନେକ ପ୍ରକାର କଷ୍ଟ ଭୋଗିବାକୁ ପଡିଥାଏ।

ବହୁତ ବାସ୍ତୁଦୋଷ ଗୃହ ନିର୍ମାଣର ତ୍ରୁଟି ଯୋଗୁଁ ଉପୁଜିଥାଏ ଯାହା ଆମେ ସମାଧାନ ବାସ୍ତୁବିତ୍?ଙ୍କ ପରାମର୍ଶ ନେଇ କରିଦେବା କିନ୍ତୁ ବାସ୍ତୁଦୋଷ ଥିବା ଗୃହରେ ଅଧିକ ସମୟ ରହିବା ପରେ ବ୍ୟକ୍ତିଙ୍କର ବିଚାର ଧାରା ଏବଂ କାର୍ଯ୍ୟକ୍ଷେତ୍ର ବ୍ୟତିକ୍ରମ ଦେଖାଯାଏ ଫଳରେ ଅନେକ ଦୁଃଖ ଭୋଗିବାକୁ ପଡିଥାଏ, ଏଣୁ ବାସ୍ତୁ ସହିତ ନିଜର ଆଚାର ବିଚାରରେ ପରିବର୍ତ୍ତନ ଆଣିବା ଦରକାର ଅନ୍ୟଥା ପୂର୍ଣ୍ଣ ଲାଭ ବା ଶୁଭଫଳ ପାଇପାରିବା ନାହିଁ।

ଏଣୁ ଆମମାନଙ୍କୁ ମହାପୁରୁଷଙ୍କ ନିତୀବାଣୀ ଶୁଣି ତାକୁ ବ୍ୟବହାରରେ ଲଗାଇ ପାରିଲେ ଆମେ ଅନେକ ପ୍ରକାର ଶୁଭ ଫଳ ପାଇପାରିବା। ଏଣୁ ମହର୍ଷି ମନୁଙ୍କ ନୀତିବାଣିରୁ କେତେକ ଗୃହରେ ଶାନ୍ତିରେ ରହିବା ପାଇଁ କେତେକ ନିୟମ ନିମ୍ନରେ ଦିଆଗଲା।

ଗୃହରେ ସ୍ୱାମୀ ଓ ସ୍ତ୍ରୀ ଉଭୟ ପରସ୍ପର ପ୍ରତି ସନ୍ତୁଷ୍ଟ ହୋଇ ରହିପାରିଲେ ଗୃହରେ ଅନେକ ମଙ୍ଗଳ ହୋଇଥାଏ।

ଧନ ଅର୍ଜନ କରିବା ପାଇଁ ସବୁବେଳେ ସତ୍?ମାର୍ଗକୁ ଆପଣାଇବା ଦରକାର। ଯେତେ କଷ୍ଟ ହେଲେ ବି ଅସତ୍ ମାର୍ଗରେ ଧନ ଉପାର୍ଜନ କରିବା ଅନୁଚିତ।

ଗୃହରେ ନିଜ ନିଜ ଭିତରେ ହିଂସା ଭାବ ନ ରଖି ଏକାଠି ଚଳିବା ଦ୍ୱାର ଶୁଭ ଫଳ ମିଳେ।

ଯେଉଁ ଘରେ ନାରୀମାନେ ଅବହେଳିତ ହୁଅନ୍ତି ସେ ଘରେ କେବେ ବି ସୁଖଶାନ୍ତି ମିଳେ ନାହିଁ।

ଚେହେରାର ଦାଗ ଦୂର କରିପାରେ ପଇଡ଼ ପାଣି, ମହୁ, ଆଲୋବେରା ଓ ବେସନ

ବେଳେ ବେଳେ ଶରୀରରେ ଥିବା ଛୋଟିଆ ଦାଗଟିଏ ବି ପୂରା ସୌନ୍ଦର୍ଯ୍ୟକୁ ନଷ୍ଟ କରିଦେଇଥାଏ। କେବଳ ମୁହଁ କାହିଁକି ହାତ, ଗୋଡ଼, ବେକ ଆଦି ବିଭିନ୍ନ ସ୍ଥାନରେ ଥିବା ଦାଗ ଆମ ଚିନ୍ତାର କାରଣ ପାଲଟିଯାଏ। ଘରୋଇ ଉପାୟରେ ବି ଆପଣ ଆପଣଙ୍କ ଶରୀରରେ ଥିବା କଳା କିମ୍ବା ଧଳା ଦାଗକୁ ଛଡ଼ାଇ ପାରିବେ। ସେ ସଂପର୍କରେ ନିମ୍ନରେ ଉଲ୍ଲେଖ କରାଯାଇଛି। ପଇଡ଼ ପାଣି ସବୁ ପ୍ରକାର ଦାଗ ଛଡ଼ାଇ ପାରେ। ତାହା କଳା ଦାଗ ହେଉ କିମ୍ବା ଧଳା। କଟା ଘା, ପୋଡ଼ା ଚିହ୍ନ ଏବଂ ବ୍ରଣ ଦାଗ ଆଦି ଛଡ଼ାଇବା ପାଇଁ ଆପଣ ପଇଡ଼ ପାଣି ବ୍ୟବହାର କରିପାରନ୍ତି। ପଇଡ଼ ପାଣିକୁ ଏକ ପାତ୍ରରେ ନିଅନ୍ତୁ। ସେଥିରେ ତୁଳା ବୁଡ଼ାଇ ତାହାକୁ ଆପଣଙ୍କ ଦାଗରେ ଲଗାନ୍ତୁ। ଦାଗ ଛଡ଼ାଇବା ପାଇଁ ଘିକୁଆଁରି ମଧ୍ୟ ଖୁବ୍ ଉପକାରୀ। ଅବଶ୍ୟ ଏହା ଟିକେ ଅଠାଳିଆ ହୋ

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

'ଚକ୍‌ମା' ସମସ୍ୟା

ମଣିପୁରରେ ଉତ୍ତେଜନା ଓ ହିଂସା ଥମିନାହିଁ । ବାଂଲାଦେଶରେ ରାଜନୈତିକ ଅସ୍ଥିରତା ଯୋଗୁଁ ଭାରତରେ ଅନୁପ୍ରବେଶ ସମସ୍ୟା ବଢ଼ିବାରେ ଲାଗିଛି । ରୋହିଙ୍ଗ୍ୟା ଶରଣାର୍ଥୀ ଅନୁପ୍ରବେଶ ସମସ୍ୟା ସମଗ୍ର ଉତ୍ତର-ପୂର୍ବ ଭାରତ ଓ ବାଂଲାଦେଶ ପାଇଁ ଚିନ୍ତା ବଢ଼ାଇ ଚାଲିଛି । ଏଭଳି ସମୟରେ ଭାରତ ପାଇଁ ଆଉ ଏକ ନୂଆ ସମସ୍ୟା ରୂପେ ଦେଖାଦେଇଛି ଚକ୍‌ମା ଗୋଷ୍ଠୀ ପ୍ରତି ବଢୁଥିବା ହିଂସା । ଶେଖ୍ ହସିନାଙ୍କ ପତନ ପରେ ଭାରତ-ବାଂଲାଦେଶ ସମ୍ପର୍କରେ ଭଙ୍ଗା ସୃଷ୍ଟି ହୋଇଛି । ସରକାରୀ ଭାବେ ଦ୍ୱିପାକ୍ଷିକ ସମ୍ପର୍କରେ ତିକ୍ତତା ସାମ୍ନାକୁ ଆସି ନଥିଲେ ମଧ୍ୟ ଉଭୟ ଦେଶବାସୀଙ୍କ ମଧ୍ୟରେ ପରସ୍ପର ବିରୋଧୀ ଅସୂୟା ଓ ସାମ୍ପ୍ରଦାୟିକ ଉତ୍ତେଜନା ବଢ଼ିବାରେ ଲାଗିଛି । ବିଶେଷକରି ଚିଟାଗଙ୍ଗ ପାର୍ବତ୍ୟମାଳାରେ ଏହି ମୂଳ ଆଦିବାସୀଙ୍କ ଉପରେ ବାଂଲାଦେଶ ସେନା ଓ ଅନୁପ୍ରବେଶକାରୀଙ୍କ ଦୌରାତ୍ମ୍ୟ ବଢ଼ିଛି । ଉପାସନା ପୀଠଗୁଡ଼ିକ ମଧ୍ୟ ଏହି ଆକ୍ରମଣରୁ ବର୍ତ୍ତିପାରୁନାହିଁ । ସ୍ୱାଭାବିକ ଭାବେ ଜନଜାତିଙ୍କର ଜୀବନଜୀବିକା ପ୍ରଭାବିତ ହୋଇଛି ଏବଂ ଏବେ ସେଠାରେ ଭୟର ବାତାବରଣ ସୃଷ୍ଟି ହୋଇଛି । ବାଂଲାଦେଶର ଗଣମାଧ୍ୟମରେ ପ୍ରକାଶ ପାଇଥିବା ରିପୋର୍ଟ ଅନୁଯାୟୀ ଗତ ଅଗଷ୍ଟ ୫ ତାରିଖରୁ ୨୦ ତାରିଖ ମଧ୍ୟରେ ପ୍ରାୟ ୨୦୦୦ ଗୃହ, ବ୍ୟବସାୟିକ ପ୍ରତିଷ୍ଠାନ ଓ ଉପାସନା ପୀଠକୁ ଭାଙ୍ଗି ଦିଆଯାଇଛି । ଯଦି ଏହି ଅଭିଯୋଗ ସତ ହୋଇଥାଏ ତେବେ ଏହା ଭାରତର ଅଖଣ୍ଡତା ଓ ସାର୍ବଭୌମତା ପ୍ରତି ଆଉ ଏକ ବିପଦ ବୋଲି କହିବାକୁ ପଡ଼ିବ । ଚକ୍‌ମା ସମ୍ପ୍ରଦାୟର ଅନେକ ନେତା ଓ ପୂର୍ବତନ ବିଧାୟକ, ମନ୍ତ୍ରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଚିଠି ଲେଖି ଏହି ଘଟଣାରେ ହସ୍ତକ୍ଷେପ କରିବା ସହିତ ଜନଜାତିଙ୍କ ସୁରକ୍ଷା ପାଇଁ ଅନୁରୋଧ କରିଛନ୍ତି । ଏବେ ଉତ୍ତର-ପୂର୍ବ ଭାରତ ବିଶେଷକରି ତ୍ରିପୁରା ଓ ମିଜୋରାମ୍‌ରେ ମଣିପୁର ଭଳି ସ୍ଥିତି ଉପୁଜିବାର ଆଶଙ୍କା ପଛରେ ଅନେକ କାରଣ ରହିଛି । ଇତିମଧ୍ୟରେ 'ସଙ୍ଗତ୍ ଓ ବୈଷମ୍ୟବିରୋଧୀ ପାହାରି ଛାତ୍ର ଆନ୍ଦୋଳନ' ନାମରେ ଯୁବଗୋଷ୍ଠୀଙ୍କ ଆନ୍ଦୋଳନ ମିଜୋରାମ୍ ଓ ତ୍ରିପୁରାରେ ତେଜିବାରେ ଲାଗିଛି । ଯଦି ଏହାର ତ୍ୱରିତ ସମାଧାନ ନ ହୁଏ ତେବେ ବାଂଲାଦେଶ ପରି ଖୁବ୍‌ଶୀଘ୍ର ଭାରତର ଉତ୍ତର-ପୂର୍ବାଞ୍ଚଳରେ ଅଶାନ୍ତି ଓ ହିଂସାର ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ । ଏହାକ୍ରମଶଃ ସେଠାକାର ଅନ୍ୟାନ୍ୟ ରାଜ୍ୟକୁ ବ୍ୟାପିବ ଏବଂ ଏହି ଆଳରେ ବିଚ୍ଛିନ୍ନତାବାଦୀ ଗୋଷ୍ଠୀ ସକ୍ରିୟ ହେବେ । ଆଜି ଯାହା ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଭାବେ ମୁଣ୍ଡ ଟେକିଛି ଆସନ୍ତା କାଲି ତାହା ହୁଏତ ସଶସ୍ତ୍ର ଆନ୍ଦୋଳନର ରୂପ ନେଇପାରେ । ଚକ୍‌ମା ସମ୍ପ୍ରଦାୟ ବାଂଲାଦେଶର ଚିଟାଗଙ୍ଗ ପାହାଡ଼ିଆ ଅଞ୍ଚଳ ସମେତ ଚୀନ୍, ମ୍ୟାଁମାର, ମିଜୋରାମ୍‌ର ଉତ୍ତର-ପୂର୍ବ ପାହାଡ଼ି ଇଲାକା, ଭାରତ-ବାଂଲାଦେଶ ସୀମାନ୍ତ, ତ୍ରିପୁରାର ଉତ୍ତର ଓ ଦକ୍ଷିଣାତ୍ୟ ଜିଲ୍ଲା, ଅରୁଣାଚଳ ପ୍ରଦେଶ, ଆସାମ୍, ପଶ୍ଚିମବଙ୍ଗର କେତେକ ଜିଲ୍ଲା ଆଦିରେ ବିସ୍ତାରିତ ଭାବେ ରହିଛନ୍ତି । ସେମାନେ ସବୁବେଳେ ଅବହେଳିତ କିନ୍ତୁ ଐକ୍ୟବଦ୍ଧ । କେବଳ ବାଂଲାଦେଶରେ ସେମାନଙ୍କ ସଂଖ୍ୟା ପ୍ରାୟ ୬ ଲକ୍ଷ ଥିବା ବେଳେ ମିଜୋରାମ୍‌ରେ ୧ ଲକ୍ଷ, ଅରୁଣାଚଳପ୍ରଦେଶରେ ୭୦ ହଜାର, ତ୍ରିପୁରାରେ ୫୦ ହଜାର, ଆସାମରେ ୩୦ ହଜାର ସେହି ସମ୍ପ୍ରଦାୟର ଲୋକ ବସବାସ କରୁଛନ୍ତି । ଭାରତ ବ୍ରିଟିଶ ଶାସନାଧୀନ ହେବା ପୂର୍ବରୁ ଚକ୍‌ମାମାନେ ସେମାନଙ୍କ ନିଜ ରାଜ୍ୟ ଚିଟାଗଙ୍ଗରେ ଶାନ୍ତିପୂର୍ଣ୍ଣ ବସବାସ କରୁଥିଲେ । ମୋଗଲମାନଙ୍କ ସହିତ ଦୀର୍ଘଦିନ ଧରି ଯୁଦ୍ଧରେ ପରେ ଚକ୍‌ମାମାନେ ପରାଜୟ ସ୍ୱୀକାର କରିଥିଲେ ଏବଂ ମୋଗଲ୍‌ମାନଙ୍କ ସହିତ ହୋଇଥିବା ୧୭୧୫ ମସିହାରେ ଚୁକ୍ତିନାମା ଅନୁଯାୟୀ ଶାନ୍ତି ଓ ସୁସ୍ଥ ବାଣିଜ୍ୟ ରାଜିନାମା ହିସାବରେ ସେମାନଙ୍କ ରାଜ୍ୟରେ ଉତ୍ପାଦିତ କପାର ଏକ ବଡ଼ ଭାଗ ଦେବାକୁ ରାଜି ହୋଇଥିଲେ । ୧୭୫୭ରେ ବଙ୍ଗର ଶାସନଭାର ବ୍ରିଟିଶ୍ ଇଷ୍ଟ ଇଣ୍ଡିଆ କମ୍ପାନୀ ହାତକୁ ଆସିବା ପରେ ଚକ୍‌ମାମାନେ ମୋଗଲମାନଙ୍କୁ ଦେଉଥିବା ଯୁଦ୍ଧ-କ୍ଷତିଭରଣା ବ୍ରିଟିଶମାନେ ପାଇଲେ । ୧୭୭୭ ମସିହା ପର୍ଯ୍ୟନ୍ତ ଚକ୍‌ମାମାନଙ୍କ ଶାସନରେ ବ୍ରିଟିଶରମାନେ ମୁଣ୍ଡ ପୂରାଇ ନଥିଲେ । କିନ୍ତୁ ବ୍ରିଟିଶରମାନେ ଅଧିକ କ୍ଷତିଭରଣା ଦାବି କରିଥିଲେ, ଯାହାକୁ ଚକ୍‌ମା ରାଜତ୍ୱ ଦେବାକୁ ମନା କରିଦେଲେ ଏବଂ ଏହାର ପରାଭବ ଭାବରେ ବ୍ରିଟିଶ୍ ସେନା କାର୍ଯ୍ୟାନୁଷ୍ଠାନର ସାମ୍ନା କଲେ । କୁକିମାନଙ୍କ ସହୟତାରେ ଚକ୍‌ମାମାନେ ବ୍ରିଟିଶ୍ ଆକ୍ରମଣକୁ ପ୍ରଥମେ ପଣ୍ଡ କରିଥିଲେ ହେଁ ସେମାନଙ୍କ ଆଗରେ ତିଷ୍ଠି ପାରି ନଥିଲେ ଏବଂ ଆତ୍ମସମର୍ପଣ କରିବାକୁ ବାଧ୍ୟ ହୋଇଥିଲେ । ଶେଷରେ ୧୭୮୭ରେ ଲର୍ଡ କର୍ଣ୍ଣୱାଲିସ୍‌ଙ୍କ ସହିତ ଚକ୍‌ମା ରାଜା ଜାନ୍ ବକ୍ସ ଖାନ ଶାନ୍ତି ଚୁକ୍ତିନାମାରେ ସ୍ୱାକ୍ଷର କଲେ ଏବଂ ଏହାପରେ ବ୍ରିଟିଶରମାନଙ୍କର କ୍ଷତିଭରଣା ଦାବି ରାଶି ବଢ଼ିବାରେ ଲାଗିଲା । ଏହାଦ୍ୱାରା ଚକ୍‌ମାମାନେ କ୍ଷତିଗ୍ରସ୍ତ ହେବାକୁ ଲାଗିଲେ । ୧୮୬୧ ମସିହାରେ ବ୍ରିଟିଶ ଉପନିବେଶ ଚିଟାଗଙ୍ଗରେ ସେମାନଙ୍କ ପ୍ରଶାସନିକ ଶିବିର ପ୍ରତିଷ୍ଠା କରିବା ସହିତ ଚକ୍‌ମା ରାଜତ୍ୱର ପରିସର ସଂକୁଚିତ ହେବାକୁ ଲାଗିଲା । ଧୀରେ ଧୀରେ ଚକ୍‌ମାମାନେ ବିକ୍ଷିପ୍ତ ହେଲେ । ଭାରତ ବ୍ରିଟିଶ୍ ଶାନରୁ ମୁକ୍ତ ହେବା ବେଳକୁ ବିଭାଜିତ ହେବା ସହିତ ଚକ୍‌ମା ରାଜତ୍ୱ ମଧ୍ୟ ଭାରତ, ପୂର୍ବପାକିସ୍ତାନ(ବର୍ତ୍ତମାନର ବାଂଲାଦେଶ), ଚୀନ୍ ଓ ମ୍ୟାଁମାରରେ ବିଭାଜିତ ହୋଇ ରହିଗଲା । ସେବେଠାରୁ ଚକ୍‌ମାମାନଙ୍କ ସମସ୍ୟା ବଢ଼ିବାରେ ଲାଗିଛି ।

ତମାଖୁ, ଗୁଟ୍ଖା ବଜାର ବନାମ ନିଦ୍ରାଗ୍ରସ୍ତ ସରକାର

ବିଷ୍ଣୁ ପ୍ରସାଦ ଦାସ

ସମ୍ପ୍ରତି ଆମ ଯୁବ ସମାଜ ତମାଖୁ, ଗୁଟ୍ଖା, ସିଗାରେଟ୍, ବ୍ରାଉନ ସୁଗାର୍, ମଦ୍ୟ କବଳରେ କବଳିତ ହୋଇ ଯାଇଛି । ସରକାର ଅନେକ ନିୟମ କାନୁନ ପ୍ରଣୟନ କରିବା ସତ୍ତ୍ୱେ ମଧ୍ୟ ବିଭାଗୀୟ ଅଧିକାରୀ ମାନଙ୍କ ଉଦାସୀନତା ନିମନ୍ତେ ଏହି ଜାତୀୟ ମାଦକ ଦ୍ରବ୍ୟ ବିକ୍ରି ଉପରେ ଠିକ୍ ରୂପେ ଅଙ୍କୁଶ ଲାଗି ପାରିନାହିଁ । ଉଚ୍ଚ ଅଦାଲତଙ୍କ ନିର୍ଦ୍ଦେଶ ତଥା ସରକାରଙ୍କ ନିଷ୍ପତ୍ତିକୁ କିଛିଦିନ ସରକାରୀ କର୍ମଚାରୀ ଖୁବ୍ ଉତ୍ସାହର ସହିତ ପାଳନ କରନ୍ତି, ତା'ପରେ ଯିଏ ଯାହା ଜାଗାରେ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ଯାଆନ୍ତି । ପ୍ରତିଦିନ ଏକାଧିକ ଟ୍ରକ ଯୋଗେ ରାଜ୍ୟ ଭିତରକୁ ଗୁଟଖା ତଥା ରାସାୟନିକ ପ୍ରକ୍ରିୟାରେ ତିଆରି ବିଭିନ୍ନ ପ୍ରକାର ମସଲା ଆସୁଛି ଏବଂ ନିର୍ଭୟରେ ସହର ଭିତରେ ପ୍ରବେଶ କରୁଛି, ଏ ବାବଦକୁ ଟିକସ କିଏ କେତେ ଦେଉଛି ଏବଂ କିଏ କେତେ ପାଉଛି ତା'ର ହିସାବ କାହା ପାଖରେ ନାହିଁ । ଓଡିଶା ଭିତରକୁ ଏହିସବୁ ମାଦକ ଦ୍ରବ୍ୟ କେଉଁ ତନଖି ଫାଟକ ଦେଇ ଆସିଲା ? କିଏ କେତେ ହାତଗୁଞ୍ଜା ନେଲା ? ସରକାରଙ୍କ ରାଜସ୍ୱ କେତେ କମିଲା ବା ବଢ଼ିଲା ତା'ର ହିସାବ ରଖୁଥିବା ବାବୁ ମାନେ 'ବାଡ଼ ଫସଲ ଖାଇବା ପରି' ଅବସ୍ଥା ଦେଇ ରାଜ୍ୟକୁ ପ୍ରଗତି ପଥରେ ଆଗେଇ ନେବାରେ ସାରଥୀ ସାଜିଛନ୍ତି । ନ୍ୟାୟାଳୟଙ୍କ ଆଦେଶକୁ ପାଳନ ନ'କରିବା ସରକାରୀ ବାବୁମାନଙ୍କ ଉଦାସୀନତା ର ଏକ ନଗ୍ନ ଉଦାହରଣ, ସହର ତଥା ଗ୍ରାମର ପ୍ରତି ଦୋକାନରେ ମାଳ ମାଳ ତମାଖୁ /ଗୁଟ୍ଖା ପୁଡିଆ ଝୁଲୁଥିବା ନଜରକୁ ଆସୁଛି । ଅନେକ ଦୋକାନରେ ଖୁଲମ୍ ଖୁଲା ଗୁଟ୍ଖା, ନକଲି ପାନ ମସଲାର ପସରା, ଏପରିକି ମନ୍ଦିର, ସ୍କୁଲ କଲେଜକୁ ଲାଗି ଏହିସବୁ ନିର୍ଦ୍ଦ୍ୱନ୍ଦରେ ବିକ୍ରି ହେଉଛି । ସର୍ବସାଧାରଣ ସ୍ଥାନରେ ସିଗାରେଟ ଟାଣିଲେ ଜରିମାନା ବ୍ୟବସ୍ଥା ଅଛି, କିନ୍ତୁ କିଏ ମାନୁଛି ବା କିଏ ଜରିମାନା ଆଦାୟ କରୁଛି ? ଅତୀତରେ ଅନେକ ନକଲି ଖାଦ୍ୟପେୟ, ପାନ ମସଲା, ଗୁଟଖା ସାମଗ୍ରୀ ଜବତ ହୋଇଛି, କିନ୍ତୁ ଲୋକେ ଚେତୁ ନାହାନ୍ତି କି ସରକାର ଏହାକୁ ଦୃଢ଼ ହସ୍ତରେ ଦମନ କରିବାର ସତ୍ ସାହସ ଜୁଟାଇ ପାରୁ ନାହାନ୍ତି । ସ୍କୁଲ, କଲେଜର ଛାତ୍ର ଛାତ୍ରୀ ତଥା ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ମଧ୍ୟ ଏହି ଗୁଟ୍ଖା/ ତମ୍ବାଖୁ କବଳରେ ପଡି ଯାଇ ଛନ୍ତି , ଗୁଟ୍ଖା ଛଡା ଏବେ ଧଳା ଜହର, କୋକେନ୍, ମେରୁଆନା, ଗଂଜେଇ, ମଦ୍ୟ ସହର ବଜାରରେ ତଥା ଶିକ୍ଷାନୁଷ୍ଠାନ, ମେଡିକାଲ ସନ୍ନିକଟରେ ଲୁଚା ଛପାରେ ମିଳୁଛି । ଦେଶର ଆଗାମୀ ପିଢ଼ି ଯଦି କୁପଥରେ ଚାଲି ଯିବେ ତେବେ ଚିନ୍ତା କରନ୍ତୁ ତ' ଆମ ଦେଶର ଭବିଷ୍ୟତ କ'ଣ ହେବ ? ପିତାମାତା, ବନ୍ଧୁ ପରିଜନ, ଶିକ୍ଷକ, ଡାକ୍ତର, ସରକାରୀ କର୍ମଚାରୀ, ବୟସ୍କ ବ୍ୟକ୍ତି ମାନେ ଯଦି ସର୍ବ ସମୁଖରେ ଗୁଟ୍ଖା, ତମାଖୁ ସେବନ କରିବେ ତେବେ ପିଲାମାନେ କଣ ଶିଖିବେ ? ନିଜ ଉପରେ ନିଜର ନିୟନ୍ତ୍ରଣ ହରାଇ ଆଜି ସମାଜର ଅନେକ ବ୍ୟକ୍ତି କୁପଥଗାମୀ ହୋଇ ସାରିଲେଣି, ଏହା ସମାଜକୁ ଆଦୌ ଭଲ ସନ୍ଦେଶ ଦେଉ ନାହିଁ । ବିଶ୍ୱରେ ପ୍ରତିବର୍ଷ ସାତ ନିୟୁତରୁ ଅଧିକ ଲୋକ ତମାଖୁ ଜନିତ ରୋଗରେ ମୃତ୍ୟୁ ବରଣ କରୁଛନ୍ତି, ପୃଥିବୀ ବାସୀ ଆଜି ଏଥିପାଇଁ ଚିନ୍ତିତ, ମିଳିତ ଜାତିସଙ୍ଘ ତମାଖୁ ବର୍ଜନ ପାଇଁ ଅନେକ ଚେଷ୍ଟା କରୁଛନ୍ତି କିନ୍ତୁ ସେପରି ସକାରାତ୍ମକ ଫଳ ମିଳି ପାରୁନାହିଁ । ବର୍ଷକୁ ଗୋଟିଏ ଦିନ ତମାଖୁ ବିଷୟରେ ସଚେତନତାର ବାର୍ତ୍ତା ବଦଳରେ ବର୍ଷ ସାରା ଏହି ଉଦ୍ୟମ ଯଦି ଜାରି ରହିବ ତେବେ ସମାଜର ଅନେକ ମଙ୍ଗଳ ହେବ, ତାହା ଛଡା ପୃଥିବୀର ଅନେକ ଦେଶ ସବୁ ଜାଣି ମଧ୍ୟ ଏହା ଉପରେ ଗୁରୁତ୍ୱ ଦେଉ ନାହାନ୍ତି ଦକ୍ଷିଣ ଆମେରିକାର କଲମ୍ବିଆ ପରି ଅନେକ ଦେଶ ତମାଖୁ ଚାଷ କରୁଛନ୍ତି ।

ବର୍ତ୍ତମାନ ହଜାର ହଜାର ଲୋକ ମାଦକ ଦ୍ରବ୍ୟ ସେବନ କରି କର୍କଟ ପରି ମାରାତ୍ମକ ରୋଗ ଗ୍ରସ୍ତ ହେଉଛନ୍ତି । କିଛି ମୃତ୍ୟୁବରଣ ମଧ୍ୟ କରୁଛନ୍ତି । ଯଦି କେତେବେଳେ ସମୟ ପାଉଛନ୍ତି ତେବେ ଟିକେ କଟକରେ ଅବସ୍ଥିତ ଏସିଆ ମହାଦେଶର ସର୍ବ ବୃହତ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର ବୁଲି ଆସନ୍ତୁ ଦେଖିବେ କେତେ କର୍କଟ ଆକ୍ରାନ୍ତ ରୋଗୀ କି'ପ୍ରକାର କଷ୍ଟ ଭୋଗୁଛନ୍ତି, ଅସହ୍ୟ ଯନ୍ତ୍ରଣା, ବେଢ଼ ନାହିଁ, ରହିବାକୁ ଜାଗା ନାହିଁ, ରାସ୍ତାରେ, ଗଛ ମୂଳେ ନିଃସହାୟ ହୋଇ ଯନ୍ତ୍ରଣା ଭୋଗ କରୁଛନ୍ତି, ସମସ୍ତଙ୍କ ଆଶା ଭଲ ହୋଇ ଘରକୁ ଫେରିବା, କିନ୍ତୁ କେତେଜଣ ଭାଗ୍ୟବାନ କର୍କଟ ପରି ରୋଗ କବଳରୁ ମୁକ୍ତି ପାଇ ଘରକୁ ଫେରୁଛନ୍ତି ? ଯେଉଁମାନେ ରୋଗ ଆରମ୍ଭରୁ ନିଦାନ କରାଇ ଆସିଛନ୍ତି ସେହିମାନେ ଭଲ ହୋଇ ଫେରିବାର ନଜିର ଅଛି । ସମୟ ଅନୁଯାୟୀ ପଦକ୍ଷେପ ଏହି ପରି ରୋଗରୁ ଆମକୁ ମୁକ୍ତି ଦେଇପାରେ । କଥାରେ ଅଛି 'ମୂଳୁ ମାଇଲେ ଯିବ ସରି ଦେବଙ୍କ ସହ କିମ୍ପା କଳି' ସରକାର ଚାହିଁଲେ ଏହି ଜାତୀୟ ନିଶା ଦ୍ରବ୍ୟକୁ ଉତ୍ପାଦନ ସ୍ଥଳରୁ ବନ୍ଦ କରିଦେଇ ପାରିବେ, କାରଣ ଏହା ଦ୍ୱାରା ଜନସାଧାରଣଙ୍କ ସ୍ୱାସ୍ଥ୍ୟ /ଜୀବନ ପ୍ରତି ବିପଦ ଆସୁଛି, ଖାଲି ଧର୍ମକୁ ଆଖିଠାର ମାରି ବୈଧାନିକ ସତର୍କତାର ଛାପ ଦେଇ କାମ ସାରି ଦେଲେ କ'ଣ ଦାୟୀତ୍ୱ ସରିଗଲା ? ଏଥିରୁ ଅନୁମେୟ ଯେ, ଉତ୍ପାଦନ କରୁଥିବା କମ୍ପାନୀ ସରକାରୀ ନିୟମକୁ ଆଖି ଠାର ମାରି 'ବିଷ ଉପରେ ବିଷ' ବୋଲି ଲେଖି ଦେଲେ, ତେଣିକି ତୁମେ ଯଦି ଖାଇବ ସେଥିପାଇଁ ସରକାର୍ କ'ଣ ଦାୟୀ ହେବେ ? ବାଃବାଃରେ ରାଜନୀତି ଆଉ ଗଣତନ୍ତ୍ରର ରକ୍ଷକ । ସରକାର୍ ବାହାଦୂର ତୁମେ ସରକାରୀ ତହବିଲ୍ ବଢ଼ାଇବା ପାଇଁ ଏହି ପରି କମ୍ପାନୀ ଚଳାଇବାକୁ ଅନୁମତି ଦେଉଛ, ଆଉ ଲୋକେ ଏହାକୁ ସେବନ କରି କଷ୍ଟ ଭୋଗୀ ଭୋଗୀ ମରୁଛନ୍ତି । ହଁ, ଭାଇ ! ରୋଗ ନ'ହେଲେ ପୁଣି ଔଷଧ କମ୍ପାନୀ ମାନେ କେମିତି ଲାଲେ ଲାଲ୍ ହେବେ ? ଏହା ଏକ ପ୍ରକାର ଗୋଲଖ ଧନ୍ଦା, ଜନସାଧାରଣ ଙ୍କୁ ଲୁଟି ବାର ଏକ ସୁଚିନ୍ତିତ ରାସ୍ତା ଛଡା ଆଉ କ'ଣ ହୋଇ ପାରେ ? ସରକାର ଏହି ପ୍ରକାର ନିଶା ଦ୍ରବ୍ୟ ଉତ୍ପାଦନ, ବିକ୍ରି ଓ ପରିବହନ ଉପରେ କଠୋର ରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ, ଯେଉଁ ଗାଡି ଗୁଡିକରେ ଏହି ଜାତୀୟ ମାଦକ ଦ୍ରବ୍ୟ ପରିବହନ ହେଉଛି ସେହି ଗାଡି ଗୁଡିକ ସରକାର ନିୟମ କରି ତା'ର ପଞ୍ଜିକରଣ ବାତିଲ କରିବା ସହିତ ଦୃଷ୍ଟାନ୍ତ ମୂଳକ ଜରିମାନା ଆଦାୟ କରନ୍ତୁ । ଜନବସତି ଠାରୁ ଅନତି ଦୂରରେ ଘଞ୍ଚ ଜଙ୍ଗଲ ଭିତରେ ଗଂଜେଇ, ଅଫିମ ଗଛ ଚାଷ ହେଉଛି, ଚାଷୀଙ୍କୁ ଗଂଜେଇ ଚାଷ ପାଇଁ ସୁରକ୍ଷା ଯୋଗାଉଥିବା ଜଣେ କର୍ତ୍ତବ୍ୟରତ ସରକାରୀ କର୍ମଚାରୀଙ୍କଠାରୁ କିଛିଦିନ ତଳେ ଛଅ ଲକ୍ଷ ଟଙ୍କା ଜବତ ହେଲା ଏବଂ ତାଙ୍କୁ କାର୍ଯ୍ୟରୁ ନିବୃତ କରାଗଲା, ଏଥିପାଇଁ କଣ ସେ ଏକା ଦାୟୀ ନା ଛଅ ଲକ୍ଷ ଟଙ୍କା ସେ ନିଜେ ନେଉ ଥିଲେ ? ଏଥିରୁ ଅନୁମେୟ କିପରି ଭାବେ ସରକାରଙ୍କ ଗୋଚରରେ ନିଶା ନିବାରଣ କାର୍ଯ୍ୟକ୍ରମ ଚାଲିଛି, କଠୋର କାର୍ଯ୍ୟାନୁଷ୍ଠାନ ଯଦି ହେଉ ଥା'ନ୍ତା ତେବେ କଣ ଏହିପରି କାର୍ଯ୍ୟ ସମ୍ଭବ ହୁଅନ୍ତା କି ? ଅବକାରୀ ବିଭାଗ-ପୋଲିସ ମିଳିତ ଉଦ୍ୟମରେ ଏହି ପ୍ରକାର ଚାଷକୁ କିଛି ମାତ୍ରାରେ ନଷ୍ଟ କରି ଦିଆ ଯାଉଛି ତେବେ ସମୂଳେ ନଷ୍ଟ କରାଯାଇ ପାରୁ ନାହିଁ କାରଣ ତାହା ପଛରେ ମଧ୍ୟ କିଛି ମାଫିଆଙ୍କ ହାତ ରହିଛି, ସରକାରଙ୍କ ରାଜସ୍ୱଠାରୁ ରାଜ୍ୟ /ଦେଶ ବାସୀଙ୍କ ସ୍ୱାସ୍ଥ୍ୟ ଉପରେ ବେଶୀ ଗୁରୁତ୍ୱ ଦେବା ଦରକାର । ଯଦି ସରକାର ନିଶା ଦ୍ରବ୍ୟ ପ୍ରସ୍ତୁତ କରୁଥିବା କମ୍ପାନୀକୁ ବନ୍ଦ କରି ଦେଇ ପାରିବେ ବା ନିଜ ରାଜ୍ୟର ସବୁ ତନଖି ଫାଟକରେ ଏହି ପ୍ରକାର ଜିନିଷପତ୍ର ଜବତ କରି ନଷ୍ଟ କରି ପାରିବେ ତେବେ ଜନସାଧାରଣ ନିଶ୍ଚିତ ଭାବେ ଉପକୃତ ହେବେ । ଯଦିଓ ଏହା ଏକ କଠିନ ବ୍ୟାପାର ତଥା ଏହା ସହିତ ରାଜନୀତି ଜଡ଼ିତ, ପାର୍ଟି ଫଣ୍ଡିଂ ଜଡ଼ିତ, ସରକାରୀ ଚୌକିର ସ୍ଥାୟୀତ୍ୱ ଜଡ଼ିତ, ନିଜସ୍ୱ ସ୍ୱାର୍ଥ ଜଡ଼ିତ, ତଥାପି ସରକାର୍ ଦୃଢ଼ ହସ୍ତରେ ଏହାକୁ ଦମନ କରିବା ଦରକାର୍ । ଗଣତନ୍ତ୍ର ରାଷ୍ଟ୍ରରେ ଜନତା ସର୍ବ ଶକ୍ତିମାନ, ଲୋକଙ୍କ ଦ୍ୱାରା, ଲୋକଙ୍କର ଏବଂ ଲୋକଙ୍କ ପାଇଁ ସରକାର ଗଢ଼ା ହୋଇ ଥାଏ । ସର୍ବସାଧାରଣଙ୍କ ପାଇଁ ତମାଖୁ ସେବନ ବିରୋଧରେ ପ୍ରଚାର ପ୍ରସାର କରି ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଉକ୍ତ ବିଷୟଟି ଲେଖା ହୋଇଛି । ସର୍ବ ସାଧାରଣ ସ୍ଥାନରେ ନିଶା ଦ୍ରବ୍ୟ ବିକ୍ରି ଉପରେ ରୋକ୍ ଲଗାଇବାକୁ ସରକାର୍‌ଙ୍କୁ ଅନୁରୋଧ । ଆମ ଯୁବ ସମାଜକୁ ନିଶା ରାକ୍ଷସ ଠାରୁ ଦୁରେଇ ରଖିବା ନିମନ୍ତେ ଅନ୍ତର ରୁ ଧ୍ୟାନ ଦେବା ଆବଶ୍ୟକ ।

(ବରିଷ୍ଠ ନାଗରିକ)
ସ୍ନେହ କୁଟୀର, ଝାଞ୍ଜିରୀ ମଙ୍ଗଳା
କଟକ ୭୫୩୦୦୯

ବଜାରରେ ମିଳୁଥିବା ୨୫ ପ୍ରତିଶତ ଔଷଧ ନକଲି

ଗୋପାଳ ମହାପାତ୍ର

ଦେଶର ଔଷଧ କମ୍ପାନୀ ମାନଙ୍କ ଦ୍ୱାରା ପ୍ରସ୍ତୁତ କେତେକ ଔଷଧର ଗୁଣବତ୍ତା ନିମ୍ନମାନର ଥିବା ଜଣାପଡିଛି । ଏହା ନିଶ୍ଚିତ ଚିନ୍ତାର ବିଷୟ । ସାଧାରଣ ଭାବେ ଲୋକେ ଡାକ୍ତରଙ୍କୁ ଦ୍ୱିତୀୟ ଭଗବାନ ଓ ଔଷଧକୁ ସଞ୍ଜିବନୀ ବୋଲି ଭାବିଥାନ୍ତି । ଔଷଧକୁ ସଞ୍ଜିବନୀ ବୋଲି ଭାବିବାର କାରଣ ହେଉଛି ଏହା ଜୀବନ ରକ୍ଷକ । ରୋଗୀ ବିଶ୍ୱାସର ସହ ଏହାକୁ ଖାଇଥାଏ ଓ ଭାବିଥାଏ ଯେ ଏହାକୁ ଖାଇବା ଦ୍ୱାରା ତାର ରୋଗ/ଦେହ ଭଲ ହୋଇଯିବ ଓ ସେ ସୁସ୍ଥ ହୋଇଉଠିବ । କିନ୍ତୁ ରୋଗୀଙ୍କ ଏହି ବିଶ୍ୱାସ ସହ କେତେକ ଔଷଧ କମ୍ପାନୀ ଖେଳ ଖେଳୁଛନ୍ତି ଓ ଏହା କେବଳ ଅର୍ଥ ଲୋଭରେ । ଏହାକୁ ସିଧା ଅର୍ଥରେ ରୋଗୀଙ୍କ ସହ ଧୋକା ଓ ବିଶ୍ୱାସଘାତକତା ବୋଲି କୁହାଯାଇପାରେ । ଏଭଳି କାର୍ଯ୍ୟ କ୍ଷମାର ଯୋଗ୍ୟ ନୁହେଁ । ଏବେ ସେଣ୍ଟ୍ରାଲ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେସନ (ସିଡିଏସ୍‌ସିଓ) ପକ୍ଷରୁ ପ୍ରକାଶ ପାଇଥିବା ଏକ ରିପୋର୍ଟରୁ ଔଷଧକୁ ନେଇ ଯେଉଁ ତଥ୍ୟ ପ୍ରକାଶ ପାଇଛି ସେଥିରୁ ଜଣାପଡିଛି ଯେ ଦେଶରେ ବିକ୍ରୀ ହେଉଥିବା ୫୩ ପ୍ରକାଶର ଔଷଧ ନିମ୍ନମାନର । ଏହି ଔଷଧ ଗୁଣବତ୍ତା ପରୀକ୍ଷାରେ ଫେଲ ହୋଇଛନ୍ତି । ଏଣୁ ଏବେ ସାଧାରଣ ଲୋକଙ୍କ ମନରେ ସନ୍ଦେହ ଉପୁଜିବା ସ୍ୱାଭାବିକ୍ ଯେ ବଜାରରେ ମିଳୁଥିବା ଔଷଧ କ

ବିଦ୍ୟାର ସଦୁପଯୋଗ

ସନ୍ତୋଷ କୁମାର ଅଦାବର

ଜଣେ ଗୁରୁ ଜଙ୍ଗଲ ମଧ୍ୟରେ ଏକ ଆଶ୍ରମରେ ଧନୁର୍ବିଦ୍ୟା ଶିକ୍ଷା ଦେଉ ଥାଆନ୍ତି । ସେଠାରେ ଅନେକ ଶିଷ୍ୟ ଧନୁର୍ବିଦ୍ୟା ଶିଖୁ ଥାଆନ୍ତି । ଉପଯୁକ୍ତ ଭାବରେ ଗୁରୁ ଜଣକ ମଧ୍ୟ ତାଙ୍କର ସମସ୍ତ ଶିଷ୍ୟଙ୍କୁ ଧନୁର୍ବିଦ୍ୟା ଶିଖାଉ ଥାଆନ୍ତି । ଶିଷ୍ୟ ମାନଙ୍କ ମଧ୍ୟରୁ କିଛି ଶିଷ୍ୟଙ୍କର ଧନୁର୍ବିଦ୍ୟା ଶିକ୍ଷା ସରିଯିବା ପରେ ନିଜ ନିଜ ବାସସ୍ଥାନକୁ ପ୍ରତ୍ୟାବର୍ତ୍ତନ କଲେ ।

ସେହି ପ୍ରତ୍ୟାବର୍ତ୍ତନ କରୁଥିବା ଶିଷ୍ୟ ମାନଙ୍କ ମଧ୍ୟରେ ମାଧବ ଓ କେଶବ ନାମରେ ଦୁଇଜଣ ଶିଷ୍ୟ ଧନୁର୍ବିଦ୍ୟା ଶିଖି ସାରି ନିଜ ଗୃହକୁ ପ୍ରତ୍ୟାବର୍ତ୍ତନ କରୁଥାଆନ୍ତି । ଉଭୟଙ୍କ ପାଖରେ ଥାଏ ଧନୁ ଓ ତୀର । ଜଙ୍ଗଲ ବାଟରେ ସେ ଦୁହେଁ କଥାବାର୍ତ୍ତା ହୋଇ ଆସୁଥାଆନ୍ତି। କେଶବ ଗୋଟିଏ ହରିଣକୁ ମାଧବକୁ ଦେଖାଇ କହିଲା- ଭାଇ ମାଧବ, ସେଇ ହରିଣଟିକୁ ମୁଁ ଧନୁ ତୀରରେ ଦେଖ କେମିତି ମାରୁଛି । ମାଧବ ମନା କରିବା ଆଗରୁ କେଶବ ହରିଣଟିକୁ ଧନୁରେ ତୀର ଯୋଖି ମାରିଦେଲା । ସୌଭାଗ୍ୟକୁ ତୀରଟି ହରିଣର ଗୋଟିଏ ପଛ ଗୋଡ଼ରେ ବାଜିବାରୁ ଅଳ୍ପକେ ହରିଣଟି ବଞ୍ଚିଗଲା । କେଶବ ନିଜର ଧନୁର୍ବିଦ୍ୟାରେ ସଫଳ ହୋଇଥିବା ଭାବିକି ଅତ୍ୟନ୍ତ ଖୁସି ହେଉଥାଏ।

ଏପଟେ ମାଧବ କିନ୍ତୁ ବହୁତ ଦୁଃଖ ଅନୁଭବ କରୁଥାଏ। କାରଣ ଗୋଟିଏ ନିରୀହ ହରିଣ ପ୍ରତି ସେପରି କରିବା ଠିକ୍ କରି ନାହିଁ କେଶବ । ଏହା ସେ କେଶବକୁ କହିବାକୁ ଯାଉଥିବା ସମୟରେ ଏକ ଡକାୟତ ଧାରୁଆ ଅସ୍ତ୍ର ଧରି ତାଙ୍କର ପାଖକୁ ଆସୁଥିବାର ମାଧବ ଦେଖି ପାରିଲା । ତତକ୍ଷଣାତ୍ ସେ ନିଜ ଧନୁରେ ତୀର ଯୋଖି ସେ ଡକାୟତ ଆଡ଼କୁ ଲକ୍ଷ୍ୟ କଲା । ଏହା କେଶବ ମଧ୍ୟ ଦେଖିଲା, କିନ୍ତୁ ତା' ପାଖରେ ଆଉ ତୀର ନ ଥିବାରୁ ଭୟରେ ମାଧବର ପଛ ପଟେ ଲୁଚି ରହିଲା । ମାଧବର ଧନୁରେ ତୀର ଯୋଖିବା ଏବଂ ସେ ଡକାୟତକୁ ଲକ୍ଷ୍ୟ କରିବା ଦେଖି ଡକାୟତ ଜଣକ ଭୟରେ ସେଠାରୁ ପଳାଇଗଲା ।

ସେଠାରୁ ସେ ଦୁହେଁ ଆସୁଥିବା ସମୟରେ ଗୋଟିଏ ବଡ଼ ବରଗଛ ତଳେ ଜଣେ ସନ୍ନ୍ୟାସୀ ବସିଥିଲେ । ସେ ଦୁହିଁଙ୍କୁ ସେ ତାଙ୍କ ପାଖକୁ ଡାକିଦେଲେ ଏବଂ ତାଙ୍କ ପାଖରେ ବସିବାକୁ କହିଲେ । ମାଧବ ଓ କେଶବ ସନ୍ନ୍ୟାସୀ ଜଣଙ୍କୁ ପ୍ରଣାମ ଜଣାଇ ତାଙ୍କ ନିକଟରେ ବସିପଡ଼ିଲେ । ତା'ପରେ ସେ କହିଲେ- ତୁମ ଦୁହିଁଙ୍କର ସବୁ କାର୍ଯ୍ୟକଳାପ ମୁଁ ମୋର ଦିବ୍ୟଚକ୍ଷୁରେ ଦେଖି ପାରିଛି । ତୁମେ ଦୁହେଁ ଧନୁର୍ବିଦ୍ୟା ଶିକ୍ଷାକରି ଫେରୁଥିବା ବେଳେ ଧନୁର୍ବିଦ୍ୟାକୁ ପରୀକ୍ଷା କରିବାକୁ ଯାଇ ତୁମ ଭିତରୁ ଜଣେ ଗୋଟିଏ ହରିଣକୁ ଧନୁତୀର ମାରି ଛୋଟା କରିଦେଇଛ । ଆଉ ଜଣେ ସେହି ଧନୁ ଓ ତୀର ସାହାଯ୍ୟରେ ଡକାୟତକୁ ମାରିବାର ଭୟ ଦେଖାଇ ନିଜକୁ ବଞ୍ଚାଇ ପାରିଛ । ଏବେ ତୁମେ କୁହ କିଏ ଭଲ କାମ କରିଛ ? ସେ ଦୁହେଁ କିଛି ନ କହି ସନ୍ନ୍ୟାସୀଙ୍କ ଠାରୁ ତା'ର ଉତ୍ତର ଆଶା କରନ୍ତେ ସନ୍ନ୍ୟାସୀ ପୁଣି କହିଲେ- ଯିଏ ଅନାବଶ୍ୟକ ଭାବରେ ଗୋଟିଏ ନିରୀହ ହରିଣକୁ ତୀର ମାରି ଅକର୍ମଣ୍ୟ କରିଦେଲ, ସେ ଆଦୌ ଭଲ କରିନାହିଁ । ଅନ୍ୟ ପକ୍ଷରେ ଅନ୍ୟ ଜଣକ ଡକାୟତକୁ ନ ମାରି ଧନୁ ଓ ତୀର ସାହାଯ୍ୟରେ ମାରିବାର ଭୟ ଦେଖାଇଲ ତାହା ଧନୁର୍ବିଦ୍ୟା ଶିକ୍ଷାର ଉଚିତ ଉପଯୋଗ କରିଛ । ଧନୁର୍ବିଦ୍ୟା ଯେ କେବଳ ଅନ୍ୟକୁ ମାରିବା ପାଇଁ, ତାହା ନୁହେଁ । ଆତ୍ମରକ୍ଷା ପାଇଁ ମଧ୍ୟ ବ୍ୟବହାର କରିପାରିବା । ଆମେ ଯେଉଁ ବିଦ୍ୟା ଗ୍ରହଣକରୁ ତାକୁ ଉପଯୁକ୍ତ ଭାବରେ ପ୍ରୟୋଗ ନ କଲେ ସେ ବିଦ୍ୟା ନିରର୍ଥକ ଏବଂ ମୂଲ୍ୟହୀନ ହୋଇଥାଏ । ଏଣୁ ବିଦ୍ୟାର ସଦୁପଯୋଗ କର । କେଶବ ନିଜର ଭୁଲ ବୁଝି ପାରିଲା । ମାଧବ ମଧ୍ୟ ସବୁ ବୁଝି ଖୁସି ହେଲା । ସେ ଦୁହେଁ ପୁନଶ୍ଚ ସନ୍ନ୍ୟାସୀଙ୍କର ପାଦ ସ୍ପର୍ଶ କରି ସେଠାରୁ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କଲେ ।

ବୀରମହାରାଜପୁର,ସୁବର୍ଣ୍ଣପୁର
ମୋ-୯୭୭୭୯୧୦୭୨୮

ମନ୍ଦାରଫୁଲର ଗରବ ଚୂନା

ନଗେନ୍ଦ୍ର ନାଥ ପଟ୍ଟନାୟକ

ସେଦିନ ଥିଲା ମନୋରମ ସକାଳର ଶୁଭ ସମୟ। ପ୍ରାକୃତିକ ଶୋଭାକାନ୍ତିର ଛିଟା ଚାରିଆଡ଼େ ବିଚ୍ଛୁରିତ ହୋଇଯାଇଥିଲା । ଜଣେ ଲୋକର ଥିଲା ସବୁଜିମା ବିରାଟ ବଗିଚାଟିଏ । ସେ ବଗିଚାର ଗୋଟେ କୋଣରେ ଝଙ୍କାଳିଆ ମନ୍ଦାରଫୁଲ ଗଛଟିଏ ଆକାଶକୁ ମୁଣ୍ଡଟେକି ଠିଆ ହୋଇଥାଏ । ଲାଲ ଟହଟହ ମନ୍ଦାର ଫୁଲଟିଏ ନିଜ ସୁନ୍ଦରତା ନିଶାରେ ଚୁର ହୋଇ ଉଠିଲା । ଖୁ ମଜାମସ୍ତିରେ ଫୁଲରସ ପାନ କରୁଥିଲା । କ୍ଷଣିକ ବିଳାସ ବ୍ୟସନରେ ବୁଡ଼ିରହି ଗର୍ବ ଅହଙ୍କାରରେ ଫାଟି ପଡୁଥିଲା । ସେଇ ବଗିଚାର ଅନ୍ୟ ଗୋଟେ କୋଣରେ ଛୋଟ ଟଗର ଫୁଲଗଛଟେ ବି ଥିଲା । ମନ୍ଦାରଫୁଲ ଗୁଡ଼ିକ ଭିତରୁ ସେଇ ଗର୍ବୀ ଫୁଲଟି ଟଗରଫୁଲକୁ ହୀନ ଦୃଷ୍ଟିରେ ଦେଖୁଥିଲା । ମନ୍ଦାର ଦିନେ ଘୃଣାରେ ଟଗର ଫୁଲ ଆଡେ ମୁହଁ ଫେରାଇଆଣି କହିଲା - ଆରେ ! ବିଚରା ତୋର ତ ଛାର ଜୀବନଟେ । ରୋଗଣା ଭଳି ଦେଖାଯାଉଛୁ। ସତେ ଯେମିତି ତୋ ଦିହରେ ଜୀବନ ନାହିଁ । ଦିହ ଗୋଟାକଯାକ ସରୁ ଆଉ ନହ ନହକା । ରଙ୍ଗହୀନ ପାଖୁଡ଼ା । ବିଧାତା ତତେ ପୂର୍ବ କୁକର୍ମ ପାଇଁ ଶାସ୍ତି ଦେଲା ଭଳି ମନେହେଉଛି । ମୋ ଆଡେ ଟିକେ ନଜର ପକାଇ ଦେଖ ତ , ମତେ ହୃଷ୍ଟପୁଷ୍ଟ କାୟା ସାଙ୍ଗକୁ ରଙ୍ଗ ବେରଙ୍ଗ ରୂପରାଶି ଓ ମଧୁରସ ଆଦି ବିପୁଳ ସମ୍ପଦ ମିଳିଛି କେମିତି । ଅହଂକାରୀ ମନ୍ଦାର କଥାକୁ ଚୁପ୍ ଚାପ୍ ଶୁଣୁଥିଲା ଶାନ୍ତଶିଷ୍ଟ ଟଗର । ନିଜ ସହିତ ଅନ୍ୟ ଟଗର ଫୁଲମାନଙ୍କୁ ମେଳିକରି ମାଳି ହାତରେ ସଅଁପି ଦେବ ବୋଲି ପଣକଲା । ଏତିକି ବେଳେ ମାଳି ବାଗିଚାରେ ଆସି ହାଜର । ସେ ଚାରିଆଡ଼େ ଆଖି ବୁଲାଇ ଆଣିଲା । ଟଗର ଫୁଲଙ୍କ ନୀରବ ଆମନ୍ତ୍ରଣ ମାଳିକୁ ଆକୃଷ୍ଟକରି ନେଇ ଯାଇଥିଲା ସେମାନଙ୍କ ପାଖକୁ । ମାଳି ଗୋଟି ଗୋଟି କରି ଟଗରଫୁଲ ଗୁଡ଼ିକୁ ତୋଳିନେଇ ମାଳ ଗୁନ୍ଥାଗୁନ୍ଥି କଲା । ସେଇ ବଗିଚା ମଝିରେ ଥାଏ ମନ୍ଦିରଟିଏ । ଟଗରଫୁଲ ମାଳାଟି ନେଇ ମ ନ୍ଦି ରରେ ସ୍ଥାପିତ ଦେବ ପ୍ରତିମାଙ୍କ ଗ ଳାରେ ପିନ୍ଧାଇଦେଲା । ଟଗର ଫୁଲମାନଙ୍କ ଖୁସିର ସୀମା ନ ଥିଲା । ଟଗର ଫୁଲଙ୍କର ଏଭଳି ସୁଖଦ ଓ ସମ୍ମାନକର ସ୍ଥାନ ଦେଖି ମନ୍ଦାରଫୁଲର ଅହଙ୍କାର ଚୂରମାର ହୋଇଯାଇଥିଲା । ଏହା ପଛରେ କି ରହସ୍ୟ ଅଛି ବୋଲି ସେ ଦିନେ ଏକାନ୍ତରେ ଟଗର ଫୁଲକୁ ପଚାରିଲା। ଟଗର ଫୁଲଟି କହିଲା - ସାଙ୍ଗ ! ଗର୍ବରହିତ ସହଯୋଗ,ସ୍ନେହ ସଦଭାବ ଓ ଅନୁଶାସନ ହିଁ ଏହା ପଛର ରହସ୍ୟ । ଆମେ ସବୁ ଏକ ମହତ୍ ଲକ୍ଷ୍ୟନେଇ ଆପଣାକୁ ସମର୍ପି ଦେଇଛୁ । ସେହିହେତୁ ଆମେ ପ୍ରେମସୂତ୍ରର ବନ୍ଧନକୁ ଆପଣାଇ ନେଇଛୁ ।

+ଓସ୍କାର ସିଟି, ଲେନ୍ ନଂ ୯,
ପ୍ଲଟ ନଂ ୪୫୬
ଲକ୍ଷ୍ମୀ ସାଗର କେନାଲ ରୋଡ,
ଭୁବନେଶ୍ୱର
ମୋ -୯୪୩୮୩୩୨୧୩୮

କବିତା

ତୁମ ପାଇଁ

ହେବ ଦେବୀପୂଜା

ପ୍ରଶାନ୍ତ କୁମାର ଦାଶ

କାରିଗରଭାଇ ମାଟିମଣ୍ଡପରେ
ମାଆଙ୍କ ମୂରତୀ ଗଢେ
ଦୂରଦେବାଳୟେ ଭକତ ଆତୁରେ
ଦେବୀଙ୍କ ବନ୍ଦନା ପଢେ ।।

ରାତିଆକାଶର ଜହ୍ନଟି ସୁନ୍ଦର
ଜୋଛନା ଦିଅଇ ଢାଳି
ଶରତ ପୁନେଇଁ ଆସିବାକୁ ଚାହିଁ
ରହିଥାନ୍ତି ଗାଆଁବାଳି ।।

ଗଙ୍ଗଶିଉଳିର ଅଭୁଲା ମହକେ
ବାସିଉଠେ ଗାଆଁଭୂଇଁ
ଝଲମଲ୍ ଖରା ବୁଣି ମାଟିଦେହେ
ସୂରୁଜ ଆସଇ ଉଇଁ ।।

ପଦୁଅଁ କଇଁରେ ଦିଶଇ ସୁନ୍ଦର
ଗାଆଁର ପୋଖରୀ ଜଳ
ଗଛହସିଦିଏ ଧରି ତା ଡାଳରେ
ନାନାଜାତି ଫୁଲ ଫଳ ।।

ମଞ୍ଜୁଆତି ହରଗଉରା ରଙ୍ଗଣୀ
ଫୁଟନ୍ତି ଛୁଟାଇ ବାସ
ନଇପଠାଧାରେ ପବନପରଶେ
ନାଚକରେ ରୁପା କାଶ ।।

ଚାଲେ ସାଜସଜା ହେବ ଦେବୀପୂଜା
ସଭିଙ୍କମନରେ ସୁଖ
ମାଆଙ୍କୁ ପୂଜିଲେ ଆପଣାଛାଆଁକୁ
ଫେରିବ ସବୁରି ଦୁଃଖ ।।

କୁଞ୍ଜର ସଙ୍ଗଳାଇ
ପିପିଲି ପୁରୀ
ମୋ: ୯୬୬୮୮୨୨୧୯୦୬



ଗୁରୁ ହିଁ ଈଶ୍ୱର

ରମେଶ ଚନ୍ଦ୍ର ନାୟକ

ଗୁରୁ ପରା ବ୍ରହ୍ମା ଗୁରୁ ପରା ବିଷ୍ଣୁ
ଗୁରୁ ପରା ମହେଶ୍ୱର
ତାଙ୍କ ପାଦପଦ୍ମେ ମଥା ନଇଁ ସର୍ବେ
ଭୂମିଷ୍ଠ ପ୍ରଣାମ କର ।

ବିଦ୍ୟା ବୁଦ୍ଧି ଦାତା ଜ୍ଞାନର ଦେବତା
ଆଶିଷ ଦିଅନ୍ତି ଢାଳି
ତାଙ୍କରି ଦୃଷ୍ଟିରେ ସଭିଏଁ ସମାନ
ସୂରୁଯ ଦେବତା ଭଳି ।

ଶାନ୍ତ ଓ ସରଳ ହୃଦୟ ବିଶାଳ
କେତେ ମିଠା ତାଙ୍କ ଭାଷା
ପଢାନ୍ତି ସେ ପାଠ ଦେଖାନ୍ତି ସେ ବାଟ
ଜୀବନେ ଭରନ୍ତି ଆଶା ।

ଅନ୍ଧାର ପଥରେ ଗୁରୁ ଯେ ଆଲୋକ
ଶିଷ୍ୟର ଶୁଭ ଚିନ୍ତକ
ଶିଷ୍ୟ ହୁଏ ଧନ୍ୟ ସାନିଧ ଲଭିଣ
ଦୂର କରେ ସବୁ ଶୋକ ।

ସ୍ନେହ ମମତାର ସିଏ ଗନ୍ତାଘର
କିଣନ୍ତି ଶିଶୁଙ୍କ ମନ
ସତ୍ୟ ଶାନ୍ତି ଦୟା କ୍ଷମାର ସାଗର
ବାଣ୍ଟନ୍ତି ନିଜର ଜ୍ଞାନ ।

ଦିବ୍ୟ ଜ୍ଞାନଜ୍ୟୋତି ଲାଭ କରିଥାନ୍ତି
ଅଜ୍ଞାନ ବାଳୁତ ଗଣ
ଗୁରୁଙ୍କ ପ୍ରୟାସେ ମାଟିର ପିଣ୍ଡୁଳା
ପାଏ କେତେ ରୂପ ମାନ ।

କେତେ କେତେ ଦୁଷ୍ଟ ହୋଇଥାନ୍ତି ଶିଷ୍ଟ
ବେତ ପ୍ରହାରକୁ ଡରି
ବନି ଗୁଣୀ ବ୍ୟକ୍ତି ପ୍ରତିଷ୍ଠା ଲଭନ୍ତି
ଗୁରୁଙ୍କ ଆଶିଷ ସ୍ମରି ।

କେଶରପୁର , ବକ୍ସି ବଜାର , କଟକ
ମୋ :- ୭୯୭୮୧୫୧୭୧୦.

ଅଜା ଆଣିଥିଲେ ଇଲିଶି

ବାବାଜୀ ଚରଣ ଜେନା

ଅଜା ଆଣିଥିଲେ ବଡ଼ ଇଲିଶିଟେ
ଆଇ ଗଡ଼ କରି ରଖିଥିଲା
ଛପି ଛପି ଆସି ଭୂଆଁ ବିରାଡ଼ିଟା
ଦି'ଗଡି ସେଥିରୁ ନେଇ ଗଲା
ସାରୁ କିଆରୀରେ ଖାଇଲା।

ବେସର ରସୁଣ ଆମ୍ବୁଲ ଦେଇକି
କରିବାକୁ ମାଛ ଝୋଳ
ଅଜା ଆସି ନିଜେ କହୁଥିବା ବେଳେ
ଆଇ ଧୋଉଥିଲା ଶିଳ
ଆଉଥରେ ଲୋଭେ ଆସିଲା ବେଳକୁ
ଭୂଆଁ ଯାହା ଧରା ପଡ଼ିଲା
ଅଜାଙ୍କଠୁ ମାଡ଼ ଖାଇଲା ।

ଅଜା କହିଲେ ତୁ ଆଗକୁ ପଛକୁ
ଚାହିଁ କରୁ ଥିବୁ କାମ
ଆଜି କାଲି ଏଇ ମହରଗ କାଳେ
ଜାଣିଛୁ ଇଲିଶି ଦାମ୍
ତଳ ଘର ଦେଇ ପଶି ଆସିଛି ସେ
ପକାଅ ସେଠାରେ ଆଗ ତାଲା
ତୁଟି ଯିବ ସବୁ ଝାମେଲା।

ଅହଲ୍ୟା ନିବାସ,ପୋପରଡା
ନୂଆବଜାର, କଟକ-୪
ମୋ -୯୪୩୭୮୩୪୭୧୯

ମିଠା ମିଠା ଲୁଣି ଲୁଣି

ନୀଳମଣି ଚାନ୍ଦ

ଗୁଡ଼, ମହୁ ଚିନି
ଶୁଣୁ ଶୁଣୁ କହିଦେଉ
ମିଠା ଚିଜ ତିନି
ପିଠା ଖିରି କନ୍ଦ
ଇଏ ମିଠା ସୁଆଦ ଯା
ନୁହଁଇଟି ମନ୍ଦ।
ସିନ୍ଧୁ ପାଣି ଲୁଣି
କାହିଁକି ଲୁଣିଆଁ କୁହ
ପ୍ରଶ୍ନଟିକୁ ଶୁଣି
ଲୁଣ ଅଭାବରେ
ତରକାରିର ସୁଆଦ
କୁହ ଚାଖି ଥରେ ।
ଉଚ୍ଚ ରକ୍ତଚାପ
ରୋଗୀ ପାଇଁ ଲୁଣ ମନା
କରେ ମନସ୍ତାପ
ରୋଗ ମଧୁମେହ
ମିଠାଠୁଁ ଦୂରରେ ଥିଲେ
ଭଲ ରହେ ଦେହ।
ଭିନ୍ନ ଭିନ୍ନ ନାମ
ରଙ୍ଗ ଦେଖିବାକୁ ଏକା
ଅଲଗା ଯେ କାମ
ସେବା କରେ ଆମ
ମିଠା ମିଠା ଲୁଣି ଲୁଣି
ଗୀତ ଗାଏ ଦାମ।

+୨୭,ମନ୍ତ୍ର ମାନୋର,ଗୋଠପାଟଣା
ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭

ଦାୟିତ୍ୱକୁ ସୁଯୋଗ ମଣି

ଧ୍ରୁବ ଚରଣ ଘିବେଲା

ଆଜି ଦିନରେ ଯାହାର ଯାହା
କାମ କରିବା ଚାହି
କାମ ଦାୟିତ୍ୱ ନୁହଁଇ ତୁଚ୍ଛ
ନଥାଏ ଯାହିତାହି ।
କାମରେ ଛୋଟ ବଡ଼ ଭାବନା
ନ ରଖି ତିଳେ ମନେ
ଦାୟିତ୍ୱ ଭାବି ନିଜ କାମକୁ
କରିବା ସସମ୍ମାନେ ।
କାମ ଯା' ଥାଉ ଛୋଟ ବି ହେଉ
କାମରେ ଦେଇ ଧ୍ୟାନ
ଖୁସି ମନରେ ଥିଲେ କାମରେ
ହୁଏ ନାହିଁ ବିଷମ ।
କରିବା ଭଲ କାମ ଯେତେକ
ତେଜି ଅଳସ ଭାବ
ସୁନ୍ଦର କାମ ସୁନ୍ଦର ଫଳ
ଦିଏଟି ସୁଖ ଭାବ ।
ସଭିଙ୍କ କାମ ଦାୟିତ୍ୱ ଭିନ୍ନ
କରିବା ଠିକ ଠିକ
ପିଲାଙ୍କ କାମ ପାଠ ପଢ଼ିବା
ବଡ଼ ଖଟିବା ଠିକ ।
ଯେଝା କାମର ସିଏ ଦାୟିତ୍ୱ
ନେଲେ ସୁନ୍ଦର ସିନା
ଦାୟିତ୍ୱକୁ ସେ ସୁଯୋଗ ମଣି
ରହିଲେ ହୁଏ ସୁନା ।

+ବଉଦରାଜ, ଜି. ବୌଦ୍ଧ
ମୋ:୯୪୩୭୪୭୮୪୬୬

ପ୍ରଣାମ ଘେନିବ ଆମର

ଅନନ୍ତ କୁମାର ସେନାପତି

ଜୀବନରେ କେବେ କାହାରି ଖୁସିକୁ ମାରିନ
ବୁଦ୍ଧି, କଉଶଳେ ବଇରୀ ପାଖରେ ହାରିନ,
ସବୁ ଅସ୍ତ୍ର ଠାରୁ ଅହିଂସା ଅସ୍ତ୍ର ଟି ଧାରୁଆ
ସେ ଲାଗି ତୁମର କାହାକୁ ନ ଥିଲା ପରୱା ।

ସତ୍ୟ ତୁମର ଜୀବନରେ ଥିଲା ପ୍ରଗାଢ଼
ଜିତି ପାରୁଥିଲ ଆସୁ ଯେତେ କଡ଼ା ପ୍ରହାର,
ନିଜ କାମ ନିଜେ କରିବାକୁ ଥିଲ ବତାଇ
ତୁମ କଥା ମାନି ଜୀବନ ନେଉଛୁ କଟାଇ ।

ନିଜେ ଜଳି ଜଳି ଦେଇଗଲ ଯେଉଁ ଆଲୋକ
ସେହି ଆଲୋକରେ ଭରି ଅଛି କେତେ ମହକ,
ଆକାଶ ପରିକା ନିରିମଳ ତୁମ ହୃଦୟ
ସେ ଲାଗି ହୋଇଲା ମୁକତି ସୂରୁଜ ଉଦୟ ।

ତୁମେ ବୁଝୁଥିଲ ଦୁଃଖୀ ଦରଦୀ ଙ୍କ ମନକୁ
ଚାହିଛୁ ହରଷେ ପୁଣି ସେହିପରି ଦିନକୁ,
ଭୁଲି ପାରିବୁନି ସିନେହ, ଶରଧା ତୁମର
ଗାନ୍ଧି ହେ ତୁମେ ଯେଉଁଠି ଥିଲେ ବି
ପ୍ରଣାମ ଘେନିବ ଆମର ।

ବାଣ୍ଡୁପଡା, ରେଲୱେ ସାଇଡିଙ୍ଗ ଏରିଆ,
ରାଜଗାଙ୍ଗପୁର, ସୁନ୍ଦରଗଡ଼
ମୋ: ୭୦୦୮୩୦୪୨୨୫

ତୁଳୀ ମୋ ହାତେ ଦିଅ

ସୁଦର୍ଶନ ମହାପାତ୍ର

ତୁଳି ମୋ ହାତେ ଦିଅ ଗୋଟିଏ
ରଙ୍ଗ ଟିକିଏ ଦିଅ
ଆଙ୍କିବି ମୁହିଁ କାଗଜ ପରେ
ପାହାଡ,ଗଛ, କୂଅ।

ଆଙ୍କିବି ପୁଣି ଆକାଶ,ମେଘ
ବରଷା ପାଣି ଧାର
ସେ ଧାର ପୁଣି ମିଶିବ ଯାଇ
ନଈରେ ହୋଇ ଖର।

ସେ ନଈ ପୁଣି ଭଉଁରୀ କାଟି
ମିଶିବ ସାଗରରେ
ଉଠିବ ଢେଉ ସାଗର ବକ୍ଷେ
ଆହା କି ଉଲ୍ଲାସରେ।

ନଈ ଦି' ପାଶେ ଆଙ୍କିବି ମୁହିଁ
ଛୋଟ କୁଡିଆ ଘର
ତା ପାଶେ ଥିବ କ୍ଷେତ ଖମାର
ଫସଲେ ଭରପୁର ।

ଗୃହ ପାଳିତ ଜୀବ ଆଙ୍କିବି
ଭଲ ଦିଶିବ ଚିତ୍ର
ସେମାନେ ପରା ସ୍ନେହ ଆଦରେ
ହୁଅନ୍ତି ଆମ ମିତ୍ର ।

ଚଢ଼େଇ କେତେ ଆକାଶ ବକ୍ଷେ
ଉଡିବେ ଝାଡି ପର
ଗଛ ଡାଳରେ ଆଙ୍କିବି ତାଙ୍କ
ଛୋଟିଆ ବସାଘର ।

ଫର୍ଦ୍ଦେ କାଗଜେ ରହିବ ଭରା
ପରିବେଶର ଦୃଶ୍ୟ
ବାହାବା କେତେ ପାଇବି ମୁହିଁ
ଓଠେ ମୋ ଥିବ ହସ ।

+କୁଞ୍ଜବିହାରୀ ଲେନ, କଟକ

ଗାଧୋଇବାକୁ ଯାଇ ପାଣିରେ ବୁଡି ଯୁବତୀ ମୃତ

ମାଲକାନଗିରି, ୦୪/୧୦ (ନି.ପ୍ର): ଗାଧୋଇବାକୁ ଯାଇ ପାଣିରେ ବୁଡି ଯୁବତୀ ମୃତ ଏପରି ଏକ ଅଘଟଣ ଦେଖିବାକୁ ମିଳୁଛି ମାଲକାନଗିରି ଜିଲ୍ଲାରେ । ଜିଲ୍ଲାର ମାଥିଲି ବ୍ଲକ ଦଳପତିଗୁଡା ପଂଚାୟତ ଓଡ଼ିଆ ଗୁଡା ର ପ୍ରମିଳା ଓଡ଼ିଆ (୩୨) ଆଜି ସକାଳ ୮ଟା ସମୟରେ ନିଜ ଘର ନିକଟରେ ଥିବା ଏକ ବନ୍ଧରେ ଗାଧୋଇବାକୁ ଯିବା ସମୟରେ ନିଜର ଗୋଡ଼ ଖସି ଯିବାରୁ ବନ୍ଧରେ ପଡି ମୃତ୍ୟୁ ହୋଇଥିବା ଜଣାପଡିଛି । ସ୍ଥାନୀୟ ଲୋକେ ଜାଣିବା ପରେ ସଙ୍ଗେ ସଙ୍ଗେ ଅଗ୍ନିଶମ ବିଭାଗକୁ ଜଣାଇଥିଲେ । ଅଗ୍ନିଶମ ଅଧିକାରୀ ପହଂଚି ବନ୍ଧରୁ ପ୍ରମିଳାକୁ ଉଦ୍ଧାର କରି ମାଥିଲି ଉପଖଣ୍ଡ ଚିକିତ୍ସାଳୟକୁ ଆଣି ଥିଲେ । କିନ୍ତୁ ଚିକିତ୍ସାଳୟରେ ପହଁଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପ୍ରମିଳାଙ୍କ ମୃତ୍ୟୁ ଖବର ପାଇବା ପରେ ଦଳପତିଗୁଡା ଅଂଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ପରିବାର ଲୋକେ ମାଥିଲି ଥାନାରେ ଏକ ଲିଖିତ ଅଭିଯୋଗ ପରେ ଥାନା ଅଧିକାରୀ ଦେବଦତ ମଲ୍ଲିକ ସଙ୍ଗେ ସଙ୍ଗେ ଥାନା ଏକ ପୋଲିସ ଟିମ ଚିକିତ୍ସାଳୟ କୁ ପଠାଇଥିଲେ । ମାଥିଲି ପୋଲିସ ପହଂଚି ଶବ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଥିଲେ । ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ପ୍ରଦୀପ ନାୟକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

ଧର୍ମଶାଳାର ବୌଦ୍ଧକୀର୍ତ୍ତି ଓ ଐତିହ୍ୟର ସୁରକ୍ଷା ପାଇଁ ପଦକ୍ଷେପ

ଧର୍ମଶାଳା, ୦୪/୧୦ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ଅଂଚଳରେ ଥିବା ବୌଦ୍ଧକୀର୍ତି ଓ ଐତିହ୍ୟର ସୁରକ୍ଷା ପାଇଁ ଜାତୀୟ ଦାନ ଅନୁଷ୍ଠାନ ଆଗେଇ ଆସିଛି । ଦାନ ଉତ୍ସବ ଅବସରରେ ଧର୍ମଶାଳାର ବୌଦ୍ଧ କ୍ଷେତ୍ର ଗୁଡିକର ଐତିହ୍ୟ ପ୍ରଶିକ୍ଷଣ, ରକ୍ଷଣାବେକ୍ଷଣ, ପରିଚ୍ଛନ୍ନତା ଓ ସଫେଇ କରାଯାଇଛି । ଅକ୍ଟୋବର ୨ ରୁ ୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଉତ୍ସବ ଅବସରରେ ଆଜି ଧର୍ମଶାଳା ବ୍ଲକ ଦେଉଳି ପାହାଡ ଶୀର୍ଷରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଧର୍ମଶାଳା ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ଏଥିରେ ସାମିଲ ହୋଇଥିଲେ । ମହାବିଦ୍ୟାଳୟ ପରିସରରୁ ଛାତ୍ରୀମାନେ ଏକ ଶୋଭାଯାତ୍ରାରେ ବାହାରି ଦେଉଳି ପାହାଡ ଶୀର୍ଷରେ ପଂହଚି ଥିଲେ । ଜାତୀୟ ଦାନ ଉତ୍ସବର ରାଜ୍ୟ ସଂଯୋଜକ ବିପିନ ମହାନ୍ତି,ଓଡିଆ ଅଧ୍ୟୟନ ଓ ଗବେଷଣା କେନ୍ଦ୍ର ସଦସ୍ୟ ସଚିବ ସୁବ୍ରତ ପୃଷ୍ଟି, ବୌଦ୍ଧ ଗବେଷକ ପ୍ରକାଶ ନାୟକ ଓ ଧର୍ମଶାଳା ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ଡକ୍ଟର ଇନ୍ଦୁପ୍ରଭା ସାମଲ,ସାମ୍ବାଦିକ ଅଖିଳ କୁମାର ସ୍ୱାଇଁ,ଅଭିନେଶ୍ୱର ଶତପଥୀ ଓ ଗିରିଧାରୀ ବେହେରା ପ୍ରମୁଖ ଯୋଗ ଦେଇ ଦାନ ଉତ୍ସବର ଅଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଏଥି ସହ ଧର୍ମଶାଳାରେ ଥିବା ଅବହେଳିତ ବୌଦ୍ଧ କ୍ଷେତ୍ର ଦେଉଳି, ଲାଙ୍ଗୁଡି, ବଜ୍ରଗିରି, ରାଧାନଗର, କାଏମା ଓ ତରାପୁର ଆଦି ସ୍ଥାନର ରକ୍ଷଣାବେକ୍ଷଣ, ସୁରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏହି ଅବସରରେ ଐତିହାସିକ ସ୍ଥାନମାନଙ୍କରେ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ସଂଗ୍ରହ ଓ ତାକୁ ପୃଥକିକରଣ ଏବଂ ଅଂଚଳକୁ ପ୍ଲାଷ୍ଟିକ୍ ମୁକ୍ତ ରଖିବାକୁ ସଚେତନ କରାଯାଇଥିଲା । ଯାଜପୁର ଜିଲାର ଲଳିତଗିରି ଓ ଉଦୟଗିରି ଆଦି ସ୍ଥାନମାନଙ୍କରେ ଏହି ଦାନ ଉତ୍ସବ ମାଧ୍ୟମରେ ଅନୁରୂପ କାର୍ଯ୍ୟକ୍ରମ ହେବାର ଯୋଜନା ରହିଥିବା ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି ।

ଗୌରୀ ମଣ୍ଡପରେ ଆରମ୍ଭ ହେଲା ମା'ଙ୍କ ୫୮ ତମ ନବରାତ୍ର ପୂଜା

ବରଗଡ଼, ୦୪/୧୦ (ନି.ପ୍ର): ବରଗଡ଼ ନାୟକପଡା ସ୍ଥିତ ଗୌରୀ ମଣ୍ଡପରେ ମାଙ୍କ ୫୮ ତମ ନବରାତ୍ର ପୂଜା ଆରମ୍ଭ ହୋଇଛି । ଗତକାଲି ସଂଧାରେ ଜୀରା ନଦୀରୁ ପୂର୍ଣ୍ଣ କଳସ ଅଣାଯାଇ ମଣ୍ଡପରେ ସ୍ଥାପନ କରାଯାଇଥିଲା । ନାୟକପଡାଠାରେ ମାଁ ଦୁର୍ଗା ଚାନ୍ଦିମେଢ଼ରେ ଶୋଭା ପାଉଥିବା ବେଳେ ଏଠାକାର ତୋରଣ ମୂଖ୍ୟଆକର୍ଷଣ ପାଲଟିଛି । ଗୁରୁବାର ଆଶ୍ୱିନୀ ଶୁକ୍ଳ ପ୍ରତିପଦାଠାରୁ ଆଗାମୀ ୧୨ ତାରିଖ ଦଶମୀ ପର୍ଯ୍ୟନ୍ତ ମାଁଙ୍କୁ ବିଭିନ୍ନ ବେଶରେ ସଜ୍ଜିତ କରି ପୂଜାର୍ଚ୍ଚନା ଅନୁଷ୍ଠିତ ହେବ । ସେହିପରି ପ୍ରତ୍ୟହ ସଂଧ୍ୟା ୮ ଟା ୩୦ ମିନିଟରେ ମାଁ ଦୁର୍ଗା ଦେବୀଙ୍କ ମହାଆରତୀ ଅନୁଷ୍ଠିତ ହେବ । ଭୋଲାନାଥ ଦାଶ ପୂଜାରେ କର୍ତା ଦାୟିତ୍ୱ ନିର୍ବାହ କରୁଥିବା ବେଳେ ଚଳିତ ବର୍ଷ ସଭାପତି ସତ୍ୟବ୍ରତ ଦାଶ , ସଂପାଦକ ରବିନାରାୟଣ ଦାଶ, କୋଷାଧକ୍ଷ କିଶନ ଶର୍ମାଙ୍କ ସମେତ ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ କରୁଛନ୍ତି ।

ଗ୍ରାମ୍ୟଦେବୀ ମା' ସମଲେଶ୍ୱରୀଙ୍କ ଶାରଦୀୟ ନବଦିନାତ୍ମକ ପୂଜା ଆରମ୍ଭ

୧୭ରେ କୁମାର ପୂର୍ଣ୍ଣିମା ତିଥିରେ ମା'ଙ୍କ ବଇଲ ଯାତ୍ରା

ବରଗଡ଼, ୦୪/୧୦ (ନି.ପ୍ର): ବରଗଡ଼ର ଗ୍ରାମ୍ୟଦେବୀ ମା ସମଲେଶ୍ୱରୀଙ୍କ ଶାରଦୀୟ ନବ ଦିନାତ୍ମକ ପୂଜା ଆଜି ଠାରୁ ଆରମ୍ଭ ହୋଇଛି । ଏହି ଅବସରରେ ଅକ୍ଟୋବର ୩ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ମା ସମଲେଶ୍ୱରୀଙ୍କୁ ବିଭିନ୍ନ ବେଶରେ ସଜ୍ଜିତ କରାଯାଇ ପୂଜାର୍ଚ୍ଚନା କରାଯିବ । ଗୁରୁବାର ଆଶ୍ୱିନ ଶୁକ୍ଳପକ୍ଷ ପ୍ରତିପଦା ଅବସରରେ ପ୍ରଥମ ଦିବସ ବିହିତ ପୂଜାରମ୍ଭ ତଥା ମାନସିକ ଦୀପ ପ୍ରଜ୍ୱଳନ କରାଯାଇଛି । ଆଜି ମାଙ୍କୁ ଶୈଳପୁତ୍ରୀ ବେଶରେ ପୂଜାର୍ଚ୍ଚନା କରାଯାଉଛି । ଅକ୍ଟୋବର ୪ ତାରିଖ ଶୁକ୍ରବାର ଆଶ୍ୱିନ ଶୁକ୍ଳ ଦ୍ୱିତୀୟାରେ ବ୍ରହ୍ମଚାରିଣୀ, ୫ ତାରିଖ ଶନିବାର ଆଶ୍ୱିନ ଶୁକ୍ଳ ତୃତୀୟା ଅବସରରେ ମା ଙ୍କୁ ଚନ୍ଦ୍ରଘଣ୍ଟା , ୬ ତାରିଖ ରବିବାର ଆଶ୍ୱିନ ଶୁକ୍ଳ ଚତୁର୍ଥୀ ଅବସରରେ କୁଷ୍ମାଣ୍ଡା ଏବଂ ୭ ତାରିଖ ସୋମବାର ଆଶ୍ୱିନ ଶୁକ୍ଳ ଚତୁର୍ଥ ଯୁକ୍ତ ପଚଂମୀ ତିଥିରେ ସ୍କନ୍ଧମାତା ବେଶରେ ପୂଜା କରାଯିବ । ଅକ୍ଟୋବର ୮ ତାରିଖ ମଙ୍ଗଳବାର ଆଶ୍ୱିନ ଶୁକ୍ଳ ପଂଚମୀ ଯୁକ୍ତ ଷଷ୍ଠୀ ଅବସରରେ ମା ସମଲେଶ୍ୱରୀ ଦେବୀଙ୍କ କାତ୍ୟାୟନୀ ବେଶରେ ପୂଜା ପାଇବେ । ଅକ୍ଟୋବର ୯ ତାରିଖ ବୁଧବାର ଆଶ୍ୱିନ ଶୁକ୍ଳ ଷଷ୍ଠୀ ଯୁକ୍ତ ସପ୍ତମୀ ମା ସମଲେଶ୍ୱରୀ ଦେବୀଙ୍କୁ କାଳରାତ୍ରୀ ବେଶରେ ସଜ୍ଜିତ କରାଯାଇ ପୂଜା କରାଯିବ । ଅକ୍ଟୋବର ୧୦ ତାରିଖ ଗୁରୁବାର ଆଶ୍ୱିନ ଶୁକ୍ଳ ସପ୍ତମୀ ଯୁକ୍ତ ଅଷ୍ଟମୀ ତିଥିରେ ମା ସମଲେଶ୍ୱରୀ ଭକ୍ତଙ୍କୁ ମହାଗୌରୀ ବେଶରେ ଦର୍ଶନ ଦେବେ ଏବଂ ମହାଷ୍ଟମୀ ବିହିତ ପୂଜା ଅନୁଷ୍ଠିତ ହେବ । ନିଶାର୍ଦ୍ଧ ମଧ୍ୟେ ଅଷ୍ଟମୀ ପଡୁଥିବାରୁ ଏହି ଦିନ ପଶ୍ଚିମ ଓଡିଶାରେ ଭାଇମାନଙ୍କ ଦୀର୍ଘାୟୁ କାମନା କରି ଭଉଣୀ ମାନେ ଭାଇଜୀଉତିଆଁ ଓଷା ପାଳନ କରିବେ । ଅକ୍ଟୋବର ୧୧ ତାରିଖ ଶୁକ୍ରବାର ଆଶ୍ୱିନ ଶୁକ୍ଳ ଅଷ୍ଟମୀଯୁକ୍ତ ନବମୀ ତିଥି ଦିବା ୧୧ଟା ୫୪ ମିନିଟରୁ ସନ୍ଧିପୂଜାରମ୍ଭ ହୋଇ ଦିବା ୧୨ଟା ୪୨ ମିନିଟ ମଧ୍ୟେ ସନ୍ଧିପୂଜା ସମାପନ ହେବ । ସନ୍ଧିପୂଜା ପରେ ମହାନବମୀ ବିହିତ ପୂଜାର୍ଚ୍ଚନା, ପୀଠେ ନବକୁମାରୀ ପୂଜନ ଅନୁଷ୍ଠିତ ହେବା ସହ ଗ୍ରାମ୍ୟଦେବୀ ମା ସମଲେଶ୍ୱରୀ ଦେବୀ ସିଦ୍ଧିଧାତ୍ରୀ ବେଶରେ ପୂଜା ପାଇବେ ବୋଲି ପଣ୍ଡିତ ଶିବ ଶଙ୍କର ଦାଶ ଏବଂ ପଣ୍ଡିତ ଚୂଡାମଣି ରଥ ସୂଚନା ଦେଇଛନ୍ତି । ଅକ୍ଟୋବର ୧୨ ତାରିଖ ଶନିବାର ଆଶ୍ୱିନ ଶୁକ୍ଳ ନବମୀଯୁକ୍ତ ଦଶମୀ ଅବସରରେ ଦିବା ୧୨ ଟା ୧୨ ମିନିଟରୁ ଦେବୀଙ୍କ ବିଜୟାଦଶମୀ ବିହିତ ପୂଜାର୍ଚ୍ଚନା, ଚଣ୍ଡୀହୋମ ଆରମ୍ଭ, ଅପରାହ୍ନ ୩ ଟା ୫୯ ମିନିଟରେ ପୂର୍ଣ୍ଣାହୁତୀ ତଥା ଅପରାଜିତା ପୂଜନ, ଆର୍ଶୀବାଦ ପ୍ରଦାନ କରାଯିବ । ଏହି ଦିନ ଗ୍ରାମ୍ୟଦେବୀ ମା ସମଲେଶ୍ୱରୀଙ୍କୁ ଅନ୍ନପୂର୍ଣ୍ଣା ବେଶରେ ସଜ୍ଜିତ କରାଯିବ । ସେହିପରି ଅକ୍ଟୋବର ୧୭ ତାରିଖ ଗୁରୁବାର କୁମାର ପୂର୍ଣ୍ଣିମା ଅବସରରେ ମା ସମଲେଶ୍ୱରୀ ଦେବୀଙ୍କ ରାଜ ରାଜେଶ୍ୱରୀ ବେଶ ଏବଂ ରାତ୍ରେ ବଇଲପର୍ବ ଅନୁଷ୍ଠିତ ହେବ ବୋଲି ମନ୍ଦିର ଟ୍ରଷ୍ଟ ବୋର୍ଡ କମିଟୀ ତରଫରୁ ସୂଚନା ଦିଆଯାଇଛି । ମା ସମଲେଶ୍ୱରୀଙ୍କ ଶାରଦୀୟ ନବରାତ୍ର ପୂଜା ମନ୍ଦିର ଟ୍ରଷ୍ଟ ବୋର୍ଡ ତରଫରୁ ବ୍ୟାପକ ପ୍ରସ୍ତୁତି କରାଯିବା ସହ ମନ୍ଦିର ସମେତ ସଂଯୋଗ କରୁଥିବା ରାସ୍ତାକୁ ଉଜ୍ଜ୍ୱଳ ଆଲୋକ ତଥା ବିଭିନ୍ନ ପ୍ରକାର ଫୁଲରେ ସଜ୍ଜିତ କରାଯାଇଛି । ପ୍ରକାଶ ଥାଉକି, ଅକ୍ଟୋବର ୨ ତାରିଖ ଆଶ୍ୱିନ ଆମାବାସ୍ୟା ତିଥିରେ ମା ସମଲେଶ୍ୱରୀ ଭକ୍ତମାନଙ୍କୁ ଧବଳମୁଖୀ ବେଶ ବା ଗଙ୍ଗା ବେଶରେ ଦର୍ଶନ ଦେଇଥିଲେ । ଏହି ଅବସରରେ ବିଶ୍ୱକଲ୍ୟାଣ ନିମିତ ସହସ୍ରାଧିକ ଦୀପ ପ୍ରଜ୍ୱଳନ କରାଯାଇଛି । ସେହିପରି ଶାରଦୀୟ ନବ ଦିନାତ୍ମକ ପୂଜା ପାଇଁ ୨ ତାରିଖ ବୁଧବାର ଅପରାହ୍ନ ୩ ଟା ୧୨ ମିନିଟରୁ ମା ଙ୍କ ଖଣ୍ଡଧୁଆ ପର୍ବ ପାଇଁ କଳସଯାତ୍ରା ଅନୁଷ୍ଠିତ ହେବା ସହ ସନ୍ଧ୍ୟାରେ କଳସ ଆବାହନ ପୂର୍ବକ ପୂଜା ମଣ୍ଡପେ ସ୍ଥାପନ କରାଯାଇଛି ।

ଅଗ୍ନିପୁତ୍ର ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ କରାଯିବାକୁ ରାଜ୍ୟପାଳଙ୍କୁ ଦାବି

କେନ୍ଦ୍ରାପଡା, ୦୪/୧୦ (ନି.ପ୍ର): ଅଗ୍ନିପୁତ୍ର ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନାଙ୍କ ରାଜ୍ୟ ସ୍ତରୀୟ ଜୟନ୍ତୀ ପାଳନ କରାଯିବାକୁ ରାଜ୍ୟପାଳ ରଘୁବୀର ଦାସଙ୍କୁ ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା ସ୍ମୃତି କମିଟି ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ମହାତ୍ମାଗାନ୍ଧୀଙ୍କ ସାବରମତୀ ଆଶ୍ରମର ପ୍ରଥମ ଓଡିଆ ଛାତ୍ର, ଦୁଃଖିନୀ କନିକା ପୁସ୍ତକର ରଚୟିତା, କନିକା ପ୍ରଜା ଅନ୍ଦୋଳନର କଣ୍ଡର୍ଧାର ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନାଙ୍କ ଅତୁଳନୀୟ ଅବଦାନକୁ କେହି ଭୁଲିପାରିବେ ନାହିଁ । ବିପ୍ଳବୀଙ୍କ ସମ୍ପର୍କରେ ଗାନ୍ଧୀଜୀଙ୍କ 'ଇଙ୍ଗ ଇଣ୍ଡିଆ' ପତ୍ରିକାର ପ୍ରକାଶ ପାଇବା ରେର ଭି. ଭି. ଗିରି, ଲାଲା ଲାଜପତ ରାୟ, ଚିତରଞ୍ଜନ ଦାସ, ମଦନମୋହନ ମାଲବ୍ୟ ପ୍ରମୁଖ ହତ ଚକିତ ହୋଇପଡିଥିଲେ । ସ୍ୱାଧୀନତା ଅନ୍ଦୋଳନ ସମୟେର ତାଙ୍କର ୪୨ଏକର ସମ୍ପତିକୁ ବାଯ୍ୟାପ୍ତି କରାଯିବା ସହ ତାଙ୍କୁ ୧୯୪୬ମସିହାରେ ଖାଦ୍ୟେର ବିଷ ମିଶାଇ ମାରି ଦିଆଗଲା । ଫଳରେ ଦେଶର ସ୍ୱାଧୀନତା ଦେଖିବାରୁ ସେ ବଂଚିତ ହୋଇଥିଲେ । ତାଙ୍କର ଏହି ଅମ୍ଳାନ ସ୍ମୃତିକୁ ବଜାୟ ରଖିବା ଏବଂ ଆମର ଭବିଷ୍ୟତର ଯୁବପିଢୀଙ୍କୁ ଏସମ୍ପର୍କରେ ଅବଗତ କରାଇବା ଉଦ୍ଦେଶ୍ୟେର ତାଙ୍କର ଜୟନ୍ତୀ ରାଜ୍ୟ ସ୍ତରେର ପାଳନ କରାଯିବା ଆବଶ୍ୟକ । ତେଣୁ ଭୁବେନଶ୍ୱରସ୍ଥିତ ୟୁନିଟ-୯ର ଶହୀଦ ସ୍ମାରକୀ ସ୍ୱାଧୀନତା ସଂଗ୍ରାମୀ ସଦନେର ରାଜ୍ୟ ସ୍ତରୀୟ ଗାନ୍ଧୀ ଜୟନ୍ତୀ ଉତ୍ସବ ପାଳନ ଅବସରେର ସେଠାରେ ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା ସ୍ମୃତି କମିଟିର ଉପଦେଷ୍ଟା ତଥା ବିଶିଷ୍ଟ ଗେବଷକ ନିରଞ୍ଜନ ମେକାପ ରାଜ୍ୟପାଳ ଶ୍ରୀ ଦାସଙ୍କୁ ଭେଟି ବିପ୍ଳବୀଙ୍କ ଜୀବନୀ ଉପେର ଆଧାରିତ ପୁସ୍ତକ "ଅଗ୍ନିପୁତ୍ର ବପ୍ଳବୀ ଆନନ୍ଦ ଚନ୍ଦ୍ର" ପ୍ରଦାନ କରିଥିଲେ । ଏଥି ସହିତ ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ ପୂର୍ବକ୍ ଭୁବେନଶ୍ୱରେର ଅଗ୍ନିପୁତ୍ର ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନାଙ୍କ ରାଜ୍ୟ ସ୍ତରୀୟ ଜୟନ୍ତୀ ପାଳନ କରାଯିବାକୁ ଦାବି କରାଯାଇଥିଲା । ସେଠାରେ ଉପସ୍ଥିତ ଥିବା ଆଇନମନ୍ତ୍ରୀ ପୃଥୀରାଜ ହରିଚନ୍ଦନ, ଭୁବେନଶ୍ୱର-ଏକାମ୍ର ବିଧାୟକ ବାବୁ ସିଂ, କେନ୍ଦ୍ରାପଡା ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ସମିତି ସଭାପତି ବିନ୍ଧାଧର ମୁଦୁଲି, ପ୍ରେଫସର ଉପେନ୍ଦ୍ର ପାଢୀ, ପ୍ରେଫସର ନିହାରରଞ୍ଜନ ପଟ୍ଟନାୟକ, ସ୍ୱାଧୀନତା ସଂଗ୍ରାମୀ ଉ ର ଦାୟାଦ ସଙ୍ଘର ରାଜ୍ୟ ସମ୍ପାଦକ ବିଜୟ କୁମାର ତ୍ରିପାଠୀ, ଦାୟାଦ ସଙ୍ଘର ବିରୁପାକ୍ଷ ତ୍ରିପାଠୀ, ଶିବନାରାୟଣ ମିଶ୍ର, ଶରତ ଚନ୍ଦ୍ର ପ୍ରଧାନ, ମିହୀର ପ୍ରତାପ ଦାସ, ରେମଶ କୁମାର ମହାନ୍ତି, ସଞ୍ଜୟ କୁମାର ଜେନା, କୁଳମଣୀ ରାଉତ, ଅଭୟ କୁମାର ବଡେଜନା, ଦୁଃଶାସନ ସ୍ୱାଇଁ, ଶ୍ରୀମତୀ ମାଲା ସିଂ, ବୈରାଗୀ ଚରଣ ନାୟକ, ଶ୍ୟାମ ପ୍ରସାଦ ପଟନାୟକ, ଉମାକାନ୍ତ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ ।

ଗଚ୍ଛିତ ବେଆଇନ କ୍ରୋମାଇଟ ଖଣି ବିଭାଗ ପକ୍ଷରୁ ଜବତ

କୋରେଇ, ୦୪/୧୦ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ମାଳଆନନ୍ଦପୁର ପଂଚାୟତର ସଠିପୁର ଠାରୁ ଚୋରା କ୍ରୋମାଇଟ ଗଚ୍ଛିତ ଥିବା ଖବର ପାଇ ଯାଜପୁରରୋଡ ଖଣି ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା । ସବୁଜ ପାଲ ଘେରା ମଧ୍ୟରେ ୨୦.୫ ମେଟ୍ରିକ ଟନ କ୍ରୋମାଇଟକୁ ଜବତ କରି କାର୍ଯ୍ୟାଳୟକୁ ନିଆଯାଇଥିଲା । ଉକ୍ତ ମାନର ଏହି କ୍ରୋମଇଟ ଯାହାର ଆନୁମାନିକ ମୂଲ୍ୟ ୭ ଲକ୍ଷଟଙ୍କା ହେବ ବୋଲି ଅନୁମାନ କରାଯାଇଛି । ହେଲେ ଏହି ବ୍ୟବସାୟ କିଏ କରୁଥିଲା ଓ କାହିକି ଗଚ୍ଛିତ ରଖିଥିଲା, କେଉଁ ଆଡେ ଯାଉଥିଲା ତାର କିଛି ସୂଚନା ମିଳିନି । ବିଭାଗୀୟ ଉପନିର୍ଦ୍ଦେଶକ ଇଂ ବିଭୂତି ଭୂଷଣ ବେହେରାଙ୍କ ନିର୍ଦ୍ଦେଶରେ ଖଣି ଅଧିକାରୀ ରଂଜିତ ଦାସଙ୍କ ନେତୃତ୍ୱରେ ଏକ ଟିମ ଖଣି ଅଧିକାରୀ ଆଶିଷ କୁମାର ସାହୁ, ପୁନମ ବେହେରା ଓ କାହ୍ନୁଚରଣ ଦେହୁରୀ ପ୍ରମୁଖ ମାଇନିଂଗ ଏନଫୋର୍ସମେଂଟ ସ୍କାଡ ଏହି ଡିପୋରେ ଚଢାଉ କରି ଗଚ୍ଚିତ ମାଲକୁ ଟ୍ରକ ଯୋଗେ ନେଇଯାଇଥିଲେ ।

ପୂର୍ବତନ ବଲାଙ୍ଗୀର ଜେଲରଙ୍କ ଦେହାନ୍ତ

ବଲାଙ୍ଗିର, ୦୪/୧୦ (ନି.ପ୍ର): ବଲାଙ୍ଗୀର ଜେଲର ପୂର୍ବତନ ଜେଲର ଗୋଲକ ବିହାରୀ ମାହାନ୍ତୀଙ୍କ ଦେହାନ୍ତ ଘଟି ଯାଇଛି । କିଛି ଦିନ ହେବ ସେ ବାର୍ଦ୍ଧକ୍ୟଜନୀତ ରୋଗ ଦେଇ ଗତି କରୁଥିବା ବେଳେ ଭୂବନେଶ୍ୱର ସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ । ସୋମବାର ରାତିରେ ୭୩ ବର୍ଷ ବୟସରେ ତାଙ୍କର ପରଲୋକ ଘଟିଛି । ଶେଷ ସମୟରେ ସ୍ତ୍ରୀ, ପୁଅ ଓ ପରିବାର ବର୍ଗ ଉପସ୍ଥିତ ଥିଲେ । ସ୍ୱର୍ଗତ ମହାନ୍ତି ଚାକିରି କାଳରେ ତାଙ୍କର ନିଷ୍ଠା ଓ ସାଧୁତା ପାଇଁ ଥରେ ରାଷ୍ଟ୍ରପତି ପୁରସ୍କାର ପାଇଥିବା ବେଳେ ଅନେକ ରାଜ୍ୟ ସ୍ତରୀୟ ସମ୍ମାନର ଅଧିକାରୀ ହୋଇ ପାରିଥିଲେ । ଚାକିରି ପରେ ପୈତୃକ ଘର ଦଶପଲ୍ଲା ଫେରି ସେଠାରେ ସମାଜର ଉନ୍ନତି ମୂଳକ କାର୍ଯ୍ୟରେ ଲିପ୍ତ ଥିଲେ । ତାଙ୍କର ବିୟୋଗ ଖବର ପାଇ ଅନେକ ଗଣ୍ୟମାନ୍ୟ ବ୍ୟକ୍ତି ଭୂବନେଶ୍ୱର ଯାଇ ଶେଷ ଦର୍ଶନ କରିଥିଲେ । ବଡ ପୁଅ ପ୍ରଗନିତ ମହାନ୍ତି ମୁଖାଗ୍ନି ଦେଇଥିଲେ ।

ପୁରୀ ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ପୋଷଣମାସ ଉଦ୍‌ଯାପିତ

ପୁରୀ, ୦୪/୧୦ (ନି.ପ୍ର): ସନ୍ତୁଳିତ ଖାଦ୍ୟ, ସଠିକ ଜୀବନଚର୍ଯ୍ୟା, ଯୋଗ, ବ୍ୟାୟାମ ଇତ୍ୟାଦି ଶରୀରକୁ ପୁଷ୍ଟି ଯୋଗାଇବା ସହ ସୁସ୍ଥ ଓ ନୀରୋଗ ରଖିଥାଏ ବୋଲି କହିଛନ୍ତି ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି । ଆଜି ପୂର୍ବାହ୍ନରେ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ପୁରୀ ଜିଲ୍ଲା ସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାସର କାର୍ଯ୍ୟକ୍ରମ ଉଦଯାପିତ ହୋଇଥିଲା । ଏଥିରେ ଯୋଗଦେଇ ବଂଚିବା ପାଇଁ ଖାଦ୍ୟ ଓ ପାନୀୟ ନିହାତି ଆବଶ୍ୟକ । କିନ୍ତୁ ସନ୍ତୁଳିତ ଓ ସମନ୍ୱିତ ଖାଦ୍ୟ ଶରୀର ପାଇଁ ଅତ୍ୟନ୍ତ ଉପକାରୀ ଓ ଉପଯୋଗୀ ହୋଇଥାଏ । କେବଳ ଶିଶୁ ମାନେ ନୁହନ୍ତି ବୟସ ନିର୍ବିଶେଷରେ ସମସ୍ତ ଙ୍କ ପାଇଁ ଉପଯୁକ୍ତ ପୋଷଣର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ । ଏଡିଏମଓ ଡା. ଲଲାଟେନ୍ଦୁ ମିଶ୍ର, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇ ସଠିକ ପୋଷଣ ଅଭାବରୁ ଶିଶୁ ଠାରୁ ବୟସ୍କ ପର୍ଯ୍ୟନ୍ତ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବା ସହ ଦୁର୍ବଳ ହୋଇଥାନ୍ତି । ତେଣୁ ସଠିକ ପୋଷଣର ଆବଶ୍ୟକତା ଓ ସଚେତନତା ସମସ୍ତଙ୍କ ନିକଟରେ ପହଂଚାଇବାକୁ ସେମାନେ ପରାମର୍ଶ ଦେଇଥିଲେ । ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ଏଥିରେ ଅଧକ୍ଷତା କରିବା ସହ ମା ଓ ଶିଶୁର ସ୍ୱାସ୍ଥ୍ୟ ରକ

ମୟୂରଭଞ୍ଜ କଲେଜ୍ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟରେ ଉଦ୍ଭିଦ ବିଜ୍ଞାନ ବିଭାଗ ତରଫରୁ ରାଜ୍ୟସ୍ତରୀୟ ଆଲଚନାଚକ୍ର ଅନୁଷ୍ଠିତ

ବାରିପଦା , ୦୪/୧୦ (ନି.ପ୍ର): ମହାରାଜାପୁର ସ୍ଥିତ ମୟୂରଭଞ୍ଜ କଲେଜ୍ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟ ସ୍ନାତକୋତ୍ତର ଉଦ୍ଭିଦ ବିଜ୍ଞାନ ବିଭାଗ ତରଫରୁ ଜଳବାୟୁ ପରିବର୍ତ୍ତନ ଏବଂ କୃଷି ଉତ୍ପାଦନ ଉପରେ ଏହାର ପ୍ରଭାବ ଶୀର୍ଷକ ଏକ ଦିବସୀୟ ଆଲୋଚନା ଚକ୍ର ମହାବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଯାଇଛି ।ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଉଦ୍ଭିଦ ବିଜ୍ଞାନ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ. ବିଷ୍ଣପ୍ରିୟା ହାଁସଦା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଆଲୋଚନା ଚକ୍ରର ବିଷୟ ବସ୍ତୁ ଉପରେ ନିଜର ମତାମତ ରଖିବା ସହିତ ଛାତ୍ର ଛାତ୍ରୀ ମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଦାନ କରିଥିଲେ । ଏହି ଅବସରରେ ମହାବିଦ୍ୟାଳୟ ଉପାଧକ୍ଷକ୍ଷ ସଂଘମିତ୍ରା ରାଉତ ପୁଷ୍ପଗୁଚ୍ଛ ଓ ଉତ୍ତରି ପ୍ରଦାନ କରି ଡ. ବିଷ୍ଣପ୍ରିୟା ହାଁସଦା ମହୋଦୟାଙ୍କୁ ମହାବିଦ୍ୟାଳୟ ତରଫରୁ ସମ୍ମାନିତ କରିଥିଲେ। ରେଭେନ୍ସା ବିଶ୍ୱବଦ୍ୟାଳୟର ଉଦ୍ଭିଦ ବିଜ୍ଞାନର ରିସର୍ଚ୍ଚ ସ୍କଲାର କେଶରୀ ପ୍ରସାଦ ମହାନ୍ତି, ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟା ପ୍ରଫେସର୍ ରୂପମଞ୍ଜରି ବେହେରା ,ଅଧାପିକା କସ୍ତୁରୀବା ମହାନ୍ତ ,ଅଧାପକ କୀର୍ତ୍ତି କୌଶିକ ନାୟକ ଆଲୋଚନାର ବିଷୟବସ୍ତୁ ଉପରେ ମତାମତ ରଖିଥିଲେ। ଉଦ୍ଭିଦ ବିଜ୍ଞାନ ସ୍ନାତକୋତ୍ତର ବିଭାଗର ଶେଷବର୍ଷର ଛାତ୍ରୀ ଏନ୍. ବିଜୟଲକ୍ଷ୍ମୀ , ସୁପ୍ରିୟା ନନ୍ଦୀ, ଶ୍ୱସ୍ତିକା ଦାଶ, ପରିନିତା ବେହେରା ଆଲୋଚନା ଚକ୍ରରେ ଅଂଶ ଗ୍ରହଣ କରି ନିଜର ମତାମତ ରଖିଥିଲେ। ସ୍ନାତକୋତ୍ତର ବିଭାଗର ଛାତ୍ରୀ ନିକିତା କାଳନ୍ଦୀ ଅତିଥି ପରିଚୟ ଓ ଆଲୋଚନା ର ବିଷୟ ବସ୍ତୁ ଉପରେ ସମ୍ୟକ ସୂଚନା ପ୍ରଦାନ କରିଥିବା ବେଳେ ଛାତ୍ରୀ ସୁପ୍ରିୟା ନନ୍ଦୀ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀ ଅଙ୍କିତା ସାହୁ ସେମିନାର ରିପୋର୍ଟ ପଠନ କରିଥିଲେ। ଛାତ୍ର ଗତେଶ୍ୱର ପରିଡ଼ା, ଶୁଭାଶିଷ ନାଏକ,ଜୀବନ ଜ୍ୟୋତି ମହାନ୍ତ, ଛାତ୍ରୀ ସନାଲି ଓଝା , ଅଲିଭା ଧଳ,ସ୍ମୃତିରେଖା ମହାନ୍ତ ପ୍ରମୁଖ ଆଲୋଚନା ଚକ୍ର ଆୟୋଜନରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

ଦୁର୍ଗାପୂଜା ପାଇଁ ବାଲିଆପାଳରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ

ଲଙ୍ଗଳେଶ୍ୱର, ୦୪/୧୦ (ନି.ପ୍ର): ଆଗାମୀ ଦୁର୍ଗାପୂଜାରେ ଶାନ୍ତିଶୃଙ୍ଖଳା ସହିତ ବାଲିଆପାଳ ବ୍ଲକର ସମସ୍ତ ସ୍ଥାନରେ ଯେପରି ଶାନ୍ତି ଶୃଙ୍ଖଳାରେ ପୂଜା ଅନୁଷ୍ଠିତ ହେବ ସେ ନେଇ ଶୁକ୍ରବାର ବାଲିଆପାଳ ବ୍ଲକ ସଭାଗୃହ ପରିସରରେ ବାଲିଆପାଳ ଥାନା ଭରପ୍ରାପ୍ତ ଅଧିକାରୀ ବ୍ରହ୍ମାନନ୍ଦ ସ୍ୱାଇଁ ଙ୍କ ପରିଚାଳନାରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ବାଲିଆପାଳ ବିଡ଼ିଓ ବିନୋଦ ଚନ୍ଦ୍ର ପଣ୍ଡା ଏବଂ ତହସିଲଦାର ଜନକ କୁମାର ନାୟକ ଯୋଗଦେଇ ସବୁ ସ୍ଥାନରେ ଯେପରି ଶାନ୍ତି ଶୃଙ୍ଖଳାରେ ଚଳିତ ଦୁର୍ଗାପୂଜା ଅନୁଷ୍ଠିତ ହେବା ସହିତ ରାବଣପୋଡ଼ି ମଧ୍ୟ ଭଲରେ କରାଯିବ ସେ ଦିଗରେ ପୂଜା କମିଟିର କର୍ମ କର୍ତ୍ତାଙ୍କ ସହଯୋଗ କାମନା କରିଥିଲେ। ତହସିଲଦାର ଶ୍ରୀ ନାୟକ ସରକାରଙ୍କ ଦୁର୍ଗାପୂଜା ନିୟମ ବିଷୟରେ ବିଷଦ ଭାବରେ ବର୍ଣ୍ଣନା କରିଥିଲେ। ଚଳିତ ଦୁର୍ଗାପୂଜାରେ ସବୁଠାରେ ଗହଳି ଚହଳି ଲାଗିବ ବୋଲି ପୂଜା କମିଟିର କର୍ମ କର୍ତ୍ତା ମାନେ କହିଥିଲେ।ତଥାପି ସବୁ ଦିଗରେ ପୂଜା କମିଟି ସଜାଗ ରହି ପ୍ରଶାସନକୁ ସହଯୋଗ କରି ପୂଜା ସମାପନ କରିବେ ବୋଲି ମଧୁପୁରା ପୂଜା କମିଟିର ସଦସ୍ୟ ପ୍ରଫୁଲ୍ଲ ସାହୁ, ସରପଞ୍ଚ ପ୍ରତିନିଧି ଲମ୍ବୋଦର ମାହାନା, ସମିତି ସଦସ୍ୟ ସୁଶାନ୍ତ ସେଠି, ରତେଇ କମିଟିର ସଦସ୍ୟ ଶ୍ରୀମନ୍ତ ମହାନ୍ତି, ଅଦଭୁତିଆ ପୂଜା କମିଟି ର ସଦସ୍ୟ ଅନାଦି ଚରଣ ବିଶ୍ୱାଳ,ବଡ଼ାଶ ପୂଜା କମିଟିର ସଭାପତି ଚକ୍ରଧର କର, ବଡ଼ାପିଳ ପୂଜା କମିଟି ର ସଦସ୍ୟ ହରେକୃଷ୍ଣ ଜେନା ପ୍ରମୁଖ ମତ ରଖିଥିଲେ। ସମସ୍ତ ପୂଜା କମିଟି ପକ୍ଷରୁ ପରିଚୟ ପତ୍ର ଦିଆଯାଇ ଭଲେଣ୍ଟିଆର ମାନଙ୍କୁ ରଖିବା ପାଇଁ ଆଇଆଇସି ଶ୍ରୀ ସ୍ୱାଇଁ ପୂଜା କମିଟି କର୍ମ କର୍ତ୍ତାଙ୍କୁ କହିଥିଲେ। ବାଲିଆପାଳ ବ୍ଲକରେ ଚଳିତ ବର୍ଷ ୩୦ ରୁ ଅଧିକ ସ୍ଥାନରେ ପୂଜା ହେଉ ଥିବା ଜଣା ଯାଇଛି। ସବୁଠି ଯେପରି କୌଣସି ଅପ୍ରୀତିକର ଘଟଣା ନ ଘଟେ ସେଥିପାଇଁ ପୋଲିସ ପ୍ରଶାସନ, ବିଦ୍ୟୁତ ବିଭାଗ, ଅଗ୍ନିଶମ ବିଭାଗ ସଜାଗ ରହି କାର୍ଯ୍ୟ କରିବେ ବୋଲି ମତ ବ୍ୟକ୍ତ କରିଛନ୍ତି । ବୈଠକରେ ବାଲିଆପାଳ ବ୍ଲକର ସମସ୍ତ ପୂଜା କମିଟିର ସଭାପତି ଓ ସମ୍ପାଦକ ମାନଙ୍କ ସହିତ ଖବର ଦାତା ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

OFFICE OF THE SORO BLOCK OFFICE, SORO, BALASORE.

No. 2228 Date 4/10/2024

"e" Procurement Notice

BID Identification No. SORO_03_2024-25.

Bid Documents consisting of Work, Estimated Cost, Cost of Tender Paper, EMD, time of completion, class of contractors and the set of terms and conditions of contract and other necessary documents can be seen in Government website i.e. www.tendersodisha.gov.in

1. Name of the Work : Construction work as mentioned in DTCN
2. No. of works : 02 nos.
3. Estimated Cost : As per Annexure
4. Period of Completion : 90 days.
5. Date & Time of availability of Bid documents in the Portal : 07.10.24 at 10.00 A.M. to 24.10.24 up to 5.00P.M.
6. Last date & time for receipt of bids in the portal : 24.10.24 up to 05:00 P.M.
7. Bids received online shall be opened on : 25.10.24 at 11:00 AM.
8. Name and address of the officer inviting Bid : Block Development Officer, Soro

Further details can be seen from the procurement portal i.e. www.tendersorissa gov.in

Contractor

Block Development Officer,
SORO

OIPR: 19090/11/0005/2425

OFFICE OF THE SUPERINTENDING ENGINEER RURAL WORKS DIVISION, RAIRANGPUR

eerwrairangpur@yahoo.com

CORRIGENDUM

office order No.- 4103 date-04-10-2024

In pursuance to e-procurement Notice No- 3941/we dt 19.09.2024 Bid identification No-RWDRRP-01 of 2024-25 the invited tender for the work 1. Maintenance of Rl office cum residence at Gorumahisani for the year 2024-25 **(Tender lD No-2024_CERWI_105199_1)**, are hereby cancelled due to administrative reasons / issues.

Yours Faithfully

Superintending Engineer
Rural Works Division, Rairangpur.

OIPR: 25107/11/0004/2425

ପ୍ରାକ୍ତନ ଅଧ୍ୟକ୍ଷ ଉମେଶ ନାୟକଙ୍କ ପରଲୋକ

ଖଇରା, ୦୪/୧୦ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଅଞ୍ଚଳରେ ସମସ୍ତ ସଙ୍ଗଠନ ସହ ଓତପ୍ରୋତ ଭାବେ ଜଡିତ, ଖଇରା ମହାବିଦ୍ୟାଳୟର ପୁର୍ବତନ ଅଧ୍ୟକ୍ଷ ପ୍ରଫେସର ଉମେଶ ଚନ୍ଦ୍ର ନାୟକ(୭୪) ଶୁକ୍ରବାର ଅପରାହ୍ନରେ ପରଲୋକ ଗମନ କରିଛନ୍ତି । ସେ ପ୍ରାୟ ୧ବର୍ଷ ତଳେ ବ୍ରେନ ରେ ଟ୍ୟୁମର ଜଣାପଡିବା ପରେ ଅସ୍ତ୍ରୋପଚାର କରାଯାଇଥିଲା ।ସେବେଠାରୁ ସେ ଅସୁସ୍ଥ ଥିଲେ । ଶୁକ୍ରବାର ହଠାତ ଗୁରୁତର ହୋଇ ପଡିବାରୁ ତାଙ୍କୁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଣାଯାଇଥିଲେ । ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ସେ ପ୍ରତିଭା ପରିବାର,ମୁକୁନ୍ଦଦାସ ସ୍ମୃତି କମିଟି,ଜନଜାଗରଣ ମଞ୍ଚ ର ସଭାପତି ରହିଥିବା ବେଳେ ବରିଷ୍ଠ ନାଗରିକ ମଞ୍ଚ,ଖଇରା ସାହିତ୍ୟ ସଂସଦ,ବାଞ୍ଛାନିଧି ସ୍ମୃତି କମିଟି,ଗୋବିନ୍ଦ ପଣ୍ଡା ସ୍ମୃତି କମିଟି,ରାଧାଶ୍ୟାମ ପଣ୍ଡା ସ୍ମୃତି ପରିଷଦ,ଅବସରପ୍ରାପ୍ତ କର୍ମଚାରୀ ସଂଘ ସହ ଜଡିତ ଥିଲେ । ତାଙ୍କ ମୃତ୍ୟୁ ଖବର ଶୁଣି ତାଙ୍କର ଅଗଣିତ ଶିଷ୍ୟ,ଶୁଭେଚ୍ଛୁ,ଶିକ୍ଷାବିତ ତାଙ୍କର ଶେଷ ଦର୍ଶନ କରିଥିଲେ । ତାଙ୍କର ଜନ୍ମସ୍ଥାନ ରେମୁଣା ବ୍ଲକ ଶେରଗଡ ନୁଆଗାଁ ଗ୍ରାମରେ ହୋଇଥିବା ବେଳେ ସେ ଖଇରାକୁ ତାଙ୍କ କର୍ମଭୁମି ଭାବେ ବାଛି ନେଇ ସେଠାରେ ପରିବାର ସହ ରହୁଥିଲେ । ପ୍ରଥମେ ନଳଗଦା କଲେଜରୁ ଅଧ୍ୟାପକ ଜିବନ ଆରମ୍ଭ କରି ପରେ ସୋର ଉପେନ୍ଦ୍ର ନାଥ ବିଦ୍ୟାଳୟର କିଛି ବର୍ଷ କାଟିବା ପରେ ରାଇରଙ୍ଗପୁର ବାଳିକା ମହାବିଦ୍ୟାଳୟରେ ଅଧ୍ୟକ୍ଷଭାବେ ଏବଂ ପରେ ବଦଳି ହୋଇ ଖଇରା ମହାବିଦ୍ୟାଳୟରେ ୧ବର୍ଷ୬ମାସ ଅଧ୍ୟକ୍ଷ ଭାବେ କାର୍ଯ୍ୟକରି ଅବସର ଗ୍ରହଣ କରିଥିଲେ । ଖବର ପାଇଁ ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ସଂଧ୍ୟାରେ ଶେଷ ଦର୍ଶନ କରିଛନ୍ତି

ପ୍ରଧାନ ଶିକ୍ଷୟତ୍ରୀଙ୍କ ବଦଳୀ ବାତିଲ ଦାବିରେ ଛାତ୍ରୀଛାତ୍ରଙ୍କ ଧାରଣା

ଖଇରା, ୦୪/୧୦ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଅର୍ଜୁନପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବିକଳ୍ପ ବ୍ୟବସ୍ଥା ନକରି ପ୍ରଧାନଶିକ୍ଷୟତ୍ରୀ ରିତାରାଣୀ ଦାସଙ୍କୁ ଖୋର୍ଦ୍ଧା ବଦଳୀ କରାଯିବା ପ୍ରତିବାଦରେ ଶୁକ୍ରବାର ଛାତ୍ରୀଛାତ୍ର ମାନେ ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ପରେ ଉପରିସ୍ଥ ଅଧିକାରୀ ବିଦ୍ୟାଳୟରେ ପହଞ୍ଚି ବୁଝାଶୁଝା କରିବା ପରେ ପିଲାମାନେ ଧାରଣାରୁ ଉଠିଥିଲେ ।ବର୍ତ୍ତମାନ ବିଦ୍ୟାଳୟର ୫ଟି ଶ୍ରେଣୀ ପାଇଁ ପ୍ରଧାନଶିକ୍ଷୟତ୍ରୀଙ୍କୁ ମିଶାଇ ୩ଜଣ ଶିକ୍ଷକ ଥିବାବେଳେ ମାସେ ତଳେ ପ୍ରଧାନଶିକ୍ଷତ୍ରୀଙ୍କୁ ବଦଳୀ କରିଯାଇଥିବାରୁ ଛାତ୍ରୀଛାତ୍ର ମାନଙ୍କ ତରଫରୁ ଧାରଣା ଦିଆଯାଇଥିଲା ।

ସମାଜସେବୀଙ୍କ ପରଲୋକ

ଖଇରା, ୦୪/୧୦ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ବାଉଁଶଗଡିଆ ପଞ୍ଚାୟତ ଅଧୀନ ବରପଦା ଗ୍ରାମର ଗଣେଷ ପ୍ରସାଦ ପଣ୍ଡା(୯୫) ଗୁରବାର ଅପରାହ୍ନରେ ଆଖୁବୁଜିଛନ୍ତି । ସେ ଜଣେ ଧର୍ମପରାୟଣା ବ୍ୟକ୍ତି ଥିବା ବେଳେ ଜିବନବ୍ୟାପି ସମାଜସେବାରେ ନିଜକୁ ନିୟୋଜିତ କରିଥିଲେ । ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ତାଙ୍କୁ ଭଲପାଉଥିବା ବ୍ୟକ୍ତି, ଶୁଭେଚ୍ଛୁ ଅଞ୍ଚଳବାସୀ ଶେଷ ଦର୍ଶନ କରିଥିଲେ । ବିଭିନ୍ନ ଅନୁଷ୍ଠାନ ସହ ଜଡିତ ଥିବା ବେଳେ ଶେଷସମୟରେ ୭ଝିଅ ଓ ଜ୍ୱାଇଁ, ୨ ପୁଅବୋହୂ ଉପସ୍ଥିତ ଥିଲେ ।

ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

ପାକିସ୍ତାନ ଗସ୍ତରେ ଯିବେ ...

କିନ୍ତୁ ବୈଦେଶିକ ମନ୍ତ୍ରୀଙ୍କ ଗସ୍ତ ନେଇ ସ୍ପଷ୍ଟ କରାଯାଇନଥିଲା । ସେ ଅକ୍ଟୋବର ୧୫ ଏବଂ ୧୬ରେ ଏହି ବୈଠକରେ ଯୋଗଦେବାକୁ ପାକିସ୍ତାନ ଗସ୍ତ କରିବା ନେଇ ଆଜି ସ୍ପଷ୍ଟ କରାଯାଇଛି । ପ୍ରତିବର୍ଷ ଝଉଡ (ସଙ୍ଘାଇ କର୍ପୋରେସନ ଅର୍ଗାନାଇଜେସନ)ର ବୈଠକ ବସିଥାଏ । ଏହାର ସଦସ୍ୟ ରାଷ୍ଟ୍ରମାନେ ବୈଠକର ଅଧକ୍ଷତା କରନ୍ତି । ଚଳିତ ବର୍ଷ ପାକିସ୍ତାନ ଅଧକ୍ଷତା କରୁଛି । ତେଣୁ ଅକ୍ଟୋବରରେ ଇସଲାମବାଦରେ ଏସସିଓ ପରିଷଦର ସରକାରୀ ବୈଠକ ଆୟୋଜିତ ହେବ । ଏହି ବୈଠକରେ ଏସସିଓ ସଦସ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ଅର୍ଥନୈତିକ, ସାମାଜିକ-ସାଂସ୍କୃତିକ ତଥା ମାନବିକ ସହଯୋଗ ଉପରେ ଆଲୋଚନା ହେବ । ୨୦୦୧ରେ ରଷ, ଚୀନ୍, କିରଗିଜ୍ ରିପବ୍ଲିକ୍, କାଜାଖସ୍ତାନ, ତାଜିକିସ୍ତାନ ଏବଂ ଉଜବେକିସ୍ତାନର ରାଷ୍ଟ୍ରପତିଙ୍କ ଦ୍ୱାରା ସାଂଘାଇରେ ଏକ ଶିଖର ସମ୍ମିଳନୀରେ ଏସସିଓ ପ୍ରତିଷ୍ଠା କରାଯାଇଥିଲା । ୨୦୧୭ରେ ଭାରତ ଏବଂ ପାକିସ୍ତାନ ଏହାର ସ୍ଥାୟୀ ସଦସ୍ୟ ହୋଇଥିଲେ । ଗତ ବର୍ଷ ଜୁଲାଇରେ ଇରାନ ଏହାର ସ୍ଥାୟୀ ସଦସ୍ୟ ହୋଇଛି । ଏହି ସମୟରେ ଭାରତ ଅଧକ୍ଷତା କରିଥିଲା । କିନ୍ତୁ ଏହା ଭର୍ଚୁଆଲ ମୋଡରେ ଆୟୋଜିତ ହୋଇଥିଲା । ଭାରତ ଆୟୋଜିତ କରିଥିବା ବୈଠକରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ଭିଡିଓ କନଫରେନ୍ସିଂ ଯୋଗେ ଯୋଗଦେଇଥିଲେ ।

ଧୃତରାଷ୍ଟ୍ର ପାଲଟିଛନ୍ତି ନବୀନ...

ଓ ସ୍ୱାର୍ଥରକ୍ଷାର ଡିଣ୍ଡିମ ପିଟୁଥିବା ବିଜେଡି ଏବେ ନିଜ ଦଳର ନେତ୍ରୀଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଛି, ଆଉ ନବୀନ ପଟ୍ଟନାୟକ ସବୁଜାଣି ମଧ୍ୟ ଅନ୍ଧ ଧୃତରାଷ୍ଟ୍ରଙ୍କ ଭଳି ପାଣ୍ଡିଆନଙ୍କ ନିର୍ଦ୍ଦେଶକୁ ଅପେକ୍ଷା କରିଥିବା ଚର୍ଚ୍ଚା ହେଉଛି । ନାରୀ ଜାତିର ସୀମା କ'ଣ ତାହା ବିଜେଡିର ଓକିଲାତି କରୁଥିବା ସୁର ନିର୍ଦ୍ଧାରଣ କରିବେ କି ନା ସୁରଙ୍କୁ ଉପଯୋଗ କରି ବିଜେଡି ନାରୀଜାତିଙ୍କ ଉପରେ ନିଜର ନିର୍ବାଚନ ହାରିବାର ପ୍ରତିଶୋଧ ନେଉଛି ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ସୂଚନା ଅନୁସାରେ, ବିଜେଡିରେ ଏବେ କିଛି ବି ନବୀନଙ୍କ ନିୟନ୍ତ୍ରଣରେ ନଥିବା ଧୀରେଧୀରେ ସ୍ପଷ୍ଟ ହେବାରେ ଲାଗିଛି । ଦଳର ଖୋର୍ଦ୍ଧା ସାଂଗଠନିକ ଜିଲ୍ଲାର ସମୀକ୍ଷା ବୈଠକରେ ଆଗଧାଡ଼ିର ନେତ୍ରୀ ଶ୍ରୀମୟୀ ମିଶ୍ରଙ୍କ ପ୍ରତି ଭୁବନେଶ୍ୱର ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟ ଓ ବେଗୁନିଆ ବିଧାୟକ ପ୍ରଦୀପ ସାହୁ ଦୁର୍ବ୍ୟବହାର କରିବା ଘଟଣା ଥମିନଥିବାବେଳେ କଂଗ୍ରେସରୁ ବହିଷ୍କୃତ ବରିଷ୍ଠ ନେତା ସୁରେଶ କୁମାର ରାଉତରାୟ ସବୁ ଲକ୍ଷ୍ମଣରେଖା ଅତିକ୍ରମ କରି ବିଜେଡି କଳିରେ ନିଜକୁ ସାମିଲ କରିଛନ୍ତି । ଆଉ ଗଣମାଧ୍ୟମରେ ଶ୍ରୀମୟୀଙ୍କ ପ୍ରତି ଅଶାଳୀନ ଟିପ୍ପଣୀ ଓ କଟାକ୍ଷ କରିବା ସହ ଭୁବନେଶ୍ୱରରୁ ୩ଘଣ୍ଟା ମଧ୍ୟରେ ବିଦା କରିଦେବାର ଧମକ ଦେବା ଆଳରେ ନାରୀଜାତି ସୀମା ଭିତରେ ନରହିଲେ ଶୁର୍ପଣଖା ଭଳି ନାକ-କାନ କାଟି ଛାଡ଼ିଦିଆଯିବ ବୋଲି ସୁର କହିବାକୁ ପଛାଇନାହାନ୍ତି । ସୁରଙ୍କ ଭଳି ଜଣେ ବରିଷ୍ଠ ନେତା ଦୀର୍ଘବର୍ଷ ଧରି ରାଜନୀତିରେ ରହି ନାରୀଙ୍କ ପ୍ରତି ଏଭଳି ଅତ୍ୟନ୍ତ ଅରୁଚିକର ଓ ମର୍ଯ୍ୟାଦାହାନି ଭଳି ଟିପ୍ପଣୀ ଦେବାକୁ ସାଧାରଣରେ ନାପସନ୍ଦ କରାଯାଉଥିଲେ ମଧ୍ୟ ବିଜେଡିର ନିରବତାକୁ ନେଇ ଏବେ ପ୍ରଶ୍ନ ଉଠିଲାଣି । ବିଜେଡିର ସାଂଗଠନିକ ବ୍ୟାପାରରେ ସୁର ଉପରେ ପଡ଼ି ସାମିଲ ହୋଇ ଏଭଳି କଟାକ୍ଷ ଓ ଚେତାବନୀ ଦେଇଥିଲେ ମଧ୍ୟ ଦଳ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ଦିଆନଯିବା ପଛରେ ନବୀନଙ୍କ ଅସହାୟତା ରହିଥିବା ଜଳଜଳ ଦିଶିଲାଣି । ନାରୀଜାତିର ସୀମା କ'ଣ ତାହା କ'ଣ ସୁର ନିର୍ଦ୍ଧାରଣ କରିବେ କି ବୋଲି ସାଧାରଣରେ ପ୍ରଶ୍ନ ଉଠୁଥିବାବେଳେ ବିଜେଡି ଓ ସୁପ୍ରିମୋ ନବୀନ ପଟ୍ଟନାୟକ ନିରବ ରହିବା ପଛରେ କ'ଣ ବାଧ୍ୟବାଧକତା ରହିଛି ତାହା ବି ସନ୍ଦେହଘେର । ସୁରଙ୍କ ସହ କେଉଁ ଗୋପନ ବୁଝାମଣା ନବୀନଙ୍କୁ ଏବେ ସର୍ବସାଧାରଣରେ ନିଜ ଦଳୀୟ ନେତ୍ରୀଙ୍କ ଚରିତ୍ରହନନ ଓ ନାରୀ ଜାତି ପ୍ରତି ଅସମ୍ମାନ'କୁ ହଜମ କରାଇବାକୁ ବାଧ୍ୟ କରିଛି ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ଏପରିକି ଯେଉଁ ଦଳ ଦୀର୍ଘ ୨୪ବର୍ଷ ଧରି ମହିଳାଙ୍କ ସମ୍ମାନ ଓ ସ୍ୱାର୍ଥ କଥା କହି କେବଳ ଭୋଟ୍ ରାଜନୀତି କରୁଥିଲା ସେହି ଦଳ ନିଜର ନେତ୍ରୀଙ୍କ ପ୍ରତି ଏଭଳି ଅଶାଳୀନ ଟୀକାଟିପ୍ପଣୀ ଏବଂ ସମଗ୍ର ନାରୀଜାତି ସୀମା ଭିତରେ ନରହିଲେ ନାକ କାନ କାଟି ଛାଡ଼ିଦିଆଯିବ ବୋଲି କହିବାକୁ କିଭଳି ହଜମ କରୁଛି ତାହା ହିଁ ବିଜେଡିର ଅସଲ ଚିତ୍ର ଓ ଚରିତ୍ରକୁ ଏବେ ପଦାରେ ପକାଇ ଦେଇଛି । ୩୬ଘଣ୍ଟା ପରେ ମଧ୍ୟ ମହିଳାଙ୍କ ପାଇଁ କଥାକଥାରେ ଦରଦ ଦେଖାଉଥିବା ବିଜେଡି ସୁରଙ୍କ ଟିପ୍ପଣୀକୁ ନେଇ ପ୍ରତିକ୍ରିୟାଟିଏ ବି ରଖିନି । ଏପଟେ ବିଜେଡି ଓ ନବୀନଙ୍କ ନିରବତା ମଧ୍ୟରେ ଶ୍ରୀମୟୀ ସୋସିଆଲ ମିଡିଆ ମାଧ୍ୟମରେ ନିଜର ଲଢ଼େଇ ନିଜେ ଜାରି ରଖିଛନ୍ତି । "ଆଜି ରାମ ଓ ଶୁର୍ପଣଖା କଥା ଉଠିଲାଣି । କାଲି ରାବଣ, ସୀତାଙ୍କୁ ବି ଅପହରଣ କରିପାରେ । ଯଦି କିଛି କ୍ଷତି ହୁଏ, ତେବେ ଧମକ ଦେଉଥିବା ଲୋକେ ଦାୟୀ ରହିବେ । ନାରୀ ଏବେ କେତେ ସୁରକ୍ଷିତ ବୋଲି ସେ ପ୍ରଶ୍ନ କରିଛନ୍ତି । ଅବଶ୍ୟ ଶ୍ରୀମୟୀ ଏକା ନିଜ ଲଢ଼େଇ ନିଜେ ଲଢ଼ିବା ପଛରେ ନବୀନଙ୍କ ନେତୃତ୍ୱର ଅପାରଗତା ଓ ଅସହାୟତାର ପ୍ରମାଣ ମିଳିଲାଣି । ନିଜର ୨୮ବର୍ଷର ରାଜନୀତିକ କ୍ୟାରିୟରରେ ନବୀନ ନିଜେ କିଛି ଚିନ୍ତା କରି କୌଣସି ଗୋଟିଏ ବି ଗୁରୁତ୍ୱପୂର୍ଣ୍ଣ ଆଖିଦୃଶିଆ ନିଷ୍ପତ୍ତି ନେଇନଥିବା ବିଜେଡି ମହଲରେ ଚର୍ଚ୍ଚା ହୁଏ । କାରଣ ୨୪ବର୍ଷର ମୁଖ୍ୟମନ୍ତ୍ରୀତ୍ୱ କାଳର ପ୍ରଥମାର୍ଦ୍ଧରେ ପ୍ୟାରୀ ମହାପାତ୍ର ଓ ପରବର୍ତ୍ତୀ ସମୟରେ ଭିକେ ପାଣ୍ଡିଆନ ସବୁକିଛି ନିଷ୍ପତ୍ତି ନେଇଛନ୍ତି ଯାହାର ଶ୍ରେୟ ନବୀନଙ୍କ ନାଁରେ ହିଁ ଯାଇଛି । ଆଉ ନବୀନ ନିଜେ ଯେଉଁ ଗୋଟିଏ ନିଷ୍ପତ୍ତି(ଅଘୋଷିତ ଭାବେ ପାଣ୍ଡିଆନଙ୍କୁ ନିଜର ଉତ୍ତରାଧିକାରୀ କରିବା) ନେଇଥିଲେ ତାହା ତାଙ୍କୁ ବୁମେରାଂ ହେଲା । ଦଳକୁ କ୍ଷମତାରୁ ହଟିବାକୁ ପଡ଼ିଲା । ଆଉ ପାଣ୍ଡିଆନଙ୍କୁ ମଧ୍ୟ ଦଳୀୟ କର୍ମୀ-ନେତାଙ୍କ ଆକ୍ରୋଶରୁ ବର୍ତ୍ତିବା ପାଇଁ ସକ୍ରିୟ ରାଜନୀତିରୁ ସନ୍ୟାସ ଘୋଷଣା କରିବାକୁ ପଡ଼ିଲା । ତେବେ ଏସବୁ ପରେ ମଧ୍ୟ ନବୀନ ଅସହାୟ ହୋଇ ପାଣ୍ଡିଆନ ଭରସାରେ ଥିବାରୁ କୋଟିଏ ସଦସ୍ୟଙ୍କ ଦଳ 'ମହିଳା ସୁରକ୍ଷା ଓ ସମ୍ମାନ'କୁ ନେଇ ମୁହଁ ଖୋଲିପାରୁନଥିବା ଚର୍ଚ୍ଚା ହେଉଛି ।

ହବିଷ୍ୟାଳୀ ଯୋଜନା: ୬ରୁ ଅନଲାଇନରେ...

ପାଖକୁ ଏକ ଇଣ୍ଟିମେସନ ଯିବ। ଏତସହ ହବିଷ୍ୟାଳୀମାନେ ଶିବିରକୁ ଆସିଲେ ପ୍ରଥମେ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ପରେ ସେମାନଙ୍କୁ ଅନ୍ୟାନ ସୁବିଧା ଯୋଗାଇ

ଶନିବାର, ୦୫ ଅକ୍ଟୋବର , ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ସଂସ୍କୃତ ବିଭାଗ ତରଫରୁ 'କ୍ଷର ପୁରୁଷ'ବିଷୟରେ ଆଲୋଚନାଚକ୍ର

ଉଦଳା , ୦୪/୧୦ (ନି.ପ୍ର): କପ୍ତିପଦା ବ୍ଲକର ନୁଦଡ଼ିହା ଗ୍ରାମସ୍ଥିତ ମେଘାସନ ମହାବିଦ୍ୟାଳୟର ସଂସ୍କୃତ ବିଭାଗ ତରଫରୁ ଶ୍ରୀମଦ୍ ଭଗବତ ଗୀତାର ପଂଚଦଶ ଅଧ୍ୟାୟର 'କ୍ଷର ପୁରୁଷ' ବିଷୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି । ବିଭାଗୀୟ ମୁଖ୍ୟ ପ୍ରସନ୍ନ କୁମାର ପଣ୍ଡା ଆଲୋଚନାଚକ୍ରରେ ଅଧ୍ୟକ୍ଷତା କରି ଗୀତାର ପଂଚଦଶ ଅଧ୍ୟାୟ ପୁରୁଷୋତମ ଯୋଗ ବିଷୟରେ

ବିସ୍ତୃତ ବର୍ଣ୍ଣନା କରିବା ସହ ଆଜିର ଆଲୋଚନାଚକ୍ରର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରମୋଦ କୁମାର ରାଉତ ଓ ପ୍ରଶାସନିକ ଅଧିକାରୀ ଡ଼. ନିରଂଜନ ପାଠୀ କାର୍ଯ୍ୟକ୍ରମ ଆୟୋଜକ ମାନଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ଆଲୋଚନାରେ ଅନ୍ୟ ମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ବୃନ୍ଦାବନ ମହାନ୍ତି ଓ ଅଧ୍ୟାପିକା କମଳିନି ପଣ୍ଡା, ଏ ଶରୀର କ୍ଷର ଓ ଜୀବାତ୍ମା ଅକ୍ଷର ବୋଲି ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି ବ୍ୟକ୍ତ କରିଥିଲେ । ଏହାପରେ ଛାତ୍ର ଛାତ୍ରୀ ମାନେ ନିଜ ନିଜର ସନ୍ଦର୍ଭ ପାଠ କରିଥିଲେ । ଅଧ୍ୟାପକ ଲଳିତ ନାୟକ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ ।

ରାଜ୍ୟସ୍ତରୀୟ ସାହାଣୀ କପ -୨୦୨୪

୮ମ ଦିନରେ କଟକକୁ ହରାଇ ମୟୁରଭଞ୍ଜ ଫାଇନାଲରେ

ବାରିପଦା, ୦୪/୧୦ (ନି.ପ୍ର): ବାରିପଦା ଷ୍ଟାଡିୟମ ପଡିଆରେ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନ ଆନୁକୂଲ୍ୟରେ ଓ ଓଡିଶା ଫୁଟବଲ ଏସୋସିଏସନର ସହଯୋଗୀତାରେ ଅନୁଷ୍ଠିତ ସାହାଣୀ କପ - ୨୦୨୪ ର ୮ମ ଦିନରେ ଖେଳାଯାଇଥିବା ସେମିଫାଇନାଲ ମ୍ୟାଚରେ ମୟୁରଭଞ୍ଜ ପେନାଲଟି ଜରିଆରେ ୫-୩ ଗୋଲରେ କଟକକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି ଓ କଟକର ବିକାଶ ସାହୁ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇ ଆର କେ ଫାଉଣ୍ଡେସନର ପ୍ରତିଷ୍ଠାତା ଅମର ସେଠୀ ତାଙ୍କ ପିତାମାତାଙ୍କ ସ୍ମୃତିରେ ୪ ହଜାର ଟଙ୍କା ଓ ଉପଢୌକନ ଦେଇ ପୁରସ୍କୃତ କରାଯାଇଥିଲା ଓ ସହଦ୍ୱେ ମୁଚେନ, ଲକ୍ଷ୍ମଣ ସେଠ, ବିପୁଳ ବିଦ୍ୟାଧର ଓ ଜୀତେନ୍ଦ୍ର ପାତ୍ର ଖେଳ ପରିଚାଳନା କରିଥିବା ବେଳେ ଦୁର୍ଗା ମାଧବ ନାଏକ ଓ ସୁଭଦ୍ରା ହେମ୍ବ୍ରମ ମ୍ୟାଚ କମିଶନର ଭାବେ ଦାୟିତ୍ୱ ତୁଲାଇଥିଲେ ଓ ଅତିଥି ଭାବେ ଯୋଗ ଦେଇ ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ବାରିପଦା ବିଧାୟକ ପ୍ରକାଶ ସୋରେନ, ଫାଓ ଉପ ସଭାପତି ଅସିତ ପତି , ଫାଓର ଯୁଗ୍ମ ସମ୍ପାଦକ ବିଶ୍ୱ ରଞ୍ଜନ ଘଡେଇ, ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ପୂର୍ବତନ ଉପ ସଭାପତି ଗିରିଶ ଚନ୍ଦ୍ର ଦାସ, ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ ମୟୁରଭଞ୍ଜ କ୍ରୀଡା ସଂସଦର ଉପ ସଭାପତି ବିବେକାନନ୍ଦ ପଟ୍ଟନାୟକ ଓ ମନୋଜ କୁମାର ସାଓ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଫୁଟବଲ ସମ୍ପାଦକ ଅମର କୁମାର ସେଠି, କୋଷାଧ୍ୟକ୍ଷ ଅମିତାଭ ଦାସ, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ରବୀନ୍ଦ୍ର କୁମାର ମହାନ୍ତି, ହରପ୍ରସାଦ ପାତ୍ର, ପ୍ରସନ୍ନଜିତ ମହାନ୍ତି, ଅମ୍ବିକା ରାଉତ ଓ ପାର୍ଥ ସାରଥୀ ସ୍ୱାଇଁ ଉପସ୍ଥିତ ଥିଲେ ଓ ବହୁ ସଂଖ୍ୟାରେ ଦର୍ଶକ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ଓ ପେନାଲଟିରେ ଗୋଲ କରିଥିବା ୮ ଜଣ ଖେଳାଳିଙ୍କୁ ମଧ୍ୟ ଅର୍ଥ ରାଶି ପ୍ରଦାନ କରାଯାଇଥିଲା ଓ ଏହି ଅବସରରେ ମୟୁରଭଞ୍ଜର ପୂର୍ବତନ କ୍ରୀଡ଼ାବିତ ଯଦୁନାଥ ମାଝୀ, ବିଜୟ କୁମାର ଦାସ (ମଣ୍ଟୁ ଦା), ଅମୁଲ୍ୟ କୁମାର ମିଶ୍ର ଓ ନନ୍ଦଲାଲ ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା । ଆସନ୍ତା ୬ ତାରିଖ ଦିନ ଅପରାହ୍ନ ୩ ଟା ରେ ମୟୁରଭଞ୍ଜ ଓ ବରଗଡ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହଙ୍କ ସୂତ୍ରରୁ ପ୍ରକାଶ । ଅର୍ଜୁନ ହେମ୍ବ୍ରମ ଧାରା ବିବରଣୀ ପ୍ରଦାନ କରିଥିଲେ।

ରୂପାୟନର ବାଲେଶ୍ୱର ୧୫୫ ତମ ଗାନ୍ଧୀ ଜୟନ୍ତୀ

ବାଲେଶ୍ୱର, ୦୪/୧୦ (ନି.ପ୍ର): ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ରୂପାୟନ ବାଲେଶ୍ୱର ମିଳିତ ସହଯୋଗ ରେ ୧୫୫ ତମ ଗାନ୍ଧୀ ଜୟନ୍ତୀ, ବାଲେଶ୍ୱର ଷ୍ଟେସନ କ୍ଲବ ରେ ରୂପାୟନ ସଭାପତି ଶ୍ରଦ୍ଧାଞ୍ଜଳି ରାଓ ଙ୍କ ନେତୃତ୍ୱରେ ପାଳିତ ହୋଇଯାଇଛି ଏହି ସଭାରେ ମୁଖ୍ୟ ଅତିଥି ଗ.ଚ. ଶ୍ରୀଯୁକ୍ତ ପ୍ରତାପ ଷଡ଼ଙ୍ଗୀ ଯୋଗ ଦେଇଥିଲେ । ଏପରିକି ମୁଖ୍ୟ ବକ୍ତା କବି ପ୍ରଶାନ୍ତ ଦାସ , ସମ୍ମାନିୟ ଅତିଥି କବି କଳିପଦ ପଣ୍ଡା , କବି ଅଭୟ ଦାସ , ରାଧା ରଞ୍ଜନ

ପଟ୍ଟନାୟକ , ମଧୁସୂଦନ ଦାସ ଗାନ୍ଧିଜୀଙ୍କ ନୀତି ଆଦର୍ଶ ଗୁଣ ବିଷୟ ରେ ଗୁଣ ଗାନ କରିଥିଲେ । ମୁଖ୍ୟ ଅତିଥି ପ୍ରତାପ ଷଡ଼ଙ୍ଗୀ କହିଥିଲେ ଯେ ବର୍ତ୍ତମାନ ଜନ ସାଧାରଣ ଗାନ୍ଧିଜୀଙ୍କ ନୀତି ଅନୁସରଣ କରିବା ଉଚିତ୍ । କାରଣ ଜାତିଭେଦ ଭାବ ସମାଜରେ କିପରି ଦୁରହେବ ସେଥିପ୍ରତି ଜନସାଧାରଣ ଜାଣିବା ଦରକାର । ଏହା ହେଲେ ରାଜ୍ୟ ଓ ଦେଶ ର ଉନ୍ନତି ହେବ । ଏହି ସଭାରେ ବିଜୟ ପାଣିଗ୍ରାହୀ, ରିତା ଦାସ, ରବିରଞ୍ଜନ ଦାସ , ସରୋଜ ପଣ୍ଡା , ଭଗବାନ ଚନ୍ଦ୍ର ଦାସ ବହୁ ଗୁଣି ଜ୍ଞାନୀ ବ୍ୟକ୍ତି ଯୋଗ ଦେଇଥିଲେ।

ନୀଳମଣି ରାଉତରାୟଙ୍କ ଶ୍ରାଦ୍ଧ ବାର୍ଷିକ ଉତ୍ସବ ପାଳିତ

ବାସୁଦେବପୁର, ୦୪/୧୦ (ନି.ପ୍ର): ବାସୁଦେବପୁର ସହରରେ ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଓଡିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ନୀଳମଣି ରାଉତରାୟ ଙ୍କ କୋଡ଼ିଏ ତମ ଶ୍ରାଦ୍ଧ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ସକାଳେ ଏହି ଶ୍ରାଦ୍ଧ ଦିବସରେ ତିଳ ତର୍ପଣ କରା ଯାଇଥିଲା। ସ୍ୱର୍ଗତ ନୀଳମଣି ରାଉତରାୟ ଙ୍କ ରାଜନୈତିକ ଜୀବନ, ସାହିତ୍ୟ ଜୀବନ, ସଂଗ୍ରାମୀ

ଜୀବନ ଓ ସମାଜ ସେବୀ ଜୀବନ ସଂପର୍କରେ ଆଲୋଚନା କରା ଯାଇଥିଲା । ଏହି ଶ୍ରାଦ୍ଧ ବାର୍ଷିକ ଉତ୍ସବରେ ବିଜୁ ଜନତା ଦଳର ଯୁବ ନେତା ମାନସ ସାହୁ, ଚିନ୍ମୟ ବାରିକ୍,ଶ୍ୟାମ ସୁନ୍ଦର ମହାନ୍ତି, ଉତ୍ତମ ବାରିକ, କାଳନ୍ଦୀ ସାହୁ, ସୁଶାନ୍ତ ସେଠି, ଶଶି ଭୂଷଣ ବାରିକ, ଶରତ ବାରିକ୍ ଓ ବହୁ ଯୁବ ନେତା ତଥା ସମାଜସେବୀ ଯୋଗ ଦେଇଥିଲେ ।

ବରଖାସ୍ତ ହେଲେ ବର୍ତ୍ତନା ସମବାୟ ସମିତିର ନିଲମ୍ବିତ ସମ୍ପାଦକ

ଖଇରା, ୦୪/୧୦ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବର୍ତ୍ତନା ସମବାୟ ସମିତି ର ନିଲମ୍ବିତ ସମ୍ପାଦକ ନିତ୍ୟାନନ୍ଦ ନାୟକ ଙ୍କୁ ପରିଚାଳନା ବୋର୍ଡ ସଭାପତି ନିରଞ୍ଜନ ବେହେରା ଗୁରୁବାର ଚାକିରିରୁ ବହିଷ୍କାର କରିଛନ୍ତି । ନିତ୍ୟାନନ୍ଦ ନାୟକ ନିଜ ସମ୍ପାଦକ ପଦବୀରେ ଥିବା ବେଳେ ଅନିୟମିତତା ଅଭିଯୋଗ ପରେ ୨୦୧୫ ମସିହା ଡିସେମ୍ବର ୨୩ ତାରିଖରେ ସହନିବନ୍ଧକ ତାଙ୍କୁ ନିଲମ୍ବନ କରିଥିଲେ ।ନିଲମ୍ବନ ପରେ ସେ ସମିତିର ଆଲମିରାରେ ଥିବା ସମସ୍ତ ରେକର୍ଡ ପତ୍ର ନିଜ ଅଧିନକୁ ନେଇ ଯାଇଥିଲେ । ମୁଖ୍ୟ କାର୍ଯ୍ୟାଳୟରେ କାର୍ଯ୍ୟପାଇଁ ଡାକରା ଆସିଥିଲେ ମଧ୍ୟ ସେ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ । ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ଉପରେ ମୁଖ୍ୟନିବନ୍ଧକ କାର୍ଯ୍ୟାଳୟ ଅଧିକାରୀ ଗୋପବନ୍ଧୁ ଦାସଙ୍କ ଦ୍ୱାରା ତଦନ୍ତ କରାଯାଇ ତାଙ୍କ ନିକଟକୁ କାରଣ ଦର୍ଶାଅ ନୋଟିସ ପ୍ରଦାନ କରାଯାଇଥିଲେ ହେଁ ସେ ଏହି ନୋଟିସ ଗ୍ରହଣ କରିନଥିଲେ । ସବୁ ସୁଯୋଗକୁ ଶ୍ରୀ ନାୟକ ପ୍ରତ୍ୟାଖ୍ୟାନ କରିବା ପରେ ରୁଲ୧୯ ଅର୍ଡର ନମ୍ବର ୨୮୫୮ଅନୁଯାୟୀ ବୋର୍ଡ ତାଙ୍କୁ ବରଖାସ୍ତ କରିଥିବା ଜଣାଯାଇଛି ।

୧୭ ବର୍ଷରୁ କମ୍ ରାଜ୍ୟସ୍ତରୀୟ ବାଳିକା ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଚମ୍ପିୟାନସିପ ପାଇଁ ନୀଳଗିରିର ୪ ଛାତ୍ରୀ ମନୋନୀତ

ନୀଳଗିରି, ୦୪/୧୦ (ନି.ପ୍ର): ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଶିକ୍ଷା ସହିତ ଶାରିରୀକ, ମାନସିକ ଓ ବୌଦ୍ଧିକ ବିକାଶ ପାଇଁ, ରାଜ୍ୟ ଓ କେନ୍ଦ୍ର ସରକାର ଶିକ୍ଷାକ୍ଷେତ୍ରରେ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। କ୍ରୀଡା କ୍ଷେତ୍ରରେ ଉନ୍ନତ ପ୍ରଦର୍ଶନ କରି ଓଡ଼ିଶାର ବହୁ ଛାତ୍ରଛାତ୍ରୀ ଜାତୀୟ ସ୍ତରରେ ନିଜର ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରି ରାଜ୍ୟର ଗୌରବ ଆଣିବା ସହିତ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇପାରିଛନ୍ତି। ଏଥିପାଇଁ ରାଜ୍ୟ ସରକାର ଆଦିବାସୀ ଅନୁନ୍ନତ ଅଞ୍ଚଳର ଗରୀବ ପିଲାମାନଙ୍କୁ ଶିକ୍ଷା ସହିତ କ୍ରୀଡା କ୍ଷେତ୍ରରେ ଅଧିକ କ୍ରିୟାଶୀଳ କରିବା ପାଇଁ ବ୍ଲକ ସ୍ତରରୁ ଆରମ୍ଭ କରି, ଜିଲ୍ଲା ଏବଂ ରାଜ୍ୟ ସ୍ତରରେ ବିଭିନ୍ନ କ୍ରୀଡା ଆୟୋଜନ କରାଯାଉଛି। ସେହି କ୍ରମରେ ୨୦୨୪/୨୫ ଶିକ୍ଷାବର୍ଷରେ

ଭଲିବଲ୍ ଚମ୍ପିୟାନସିପ୍ ପାଇଁ ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ବାଲିଆଝର ସରକାରୀ ଏସଏସଡି ଉଚ୍ଚ ବିଦ୍ୟାଳୟର ୧୦ମ ଶ୍ରେଣୀରେ ଅଧ୍ୟୟନ କରୁଥିବା ୪ ଜଣ ଛାତ୍ରୀ (୧୭ ବର୍ଷ)ରୁ କମ ବାଳିକା ବର୍ଗରେ ଉନ୍ନତ କ୍ରୀଡା ପ୍ରଦର୍ଶନ କରି ଜିଲ୍ଲା ସ୍ତରରୁ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି। ଆସନ୍ତା ଅକ୍ଟୋବର ୬ ତାରିଖ ରୁ ୯ ତାରିଖ ପର୍ଯ୍ୟନ୍ତ ଗଜପତି ଜିଲ୍ଲା, ପାରଳାଖେମୁଣ୍ଡି ସ୍ଥିତ ଏମ.ଆର ବାଳକ ବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତା ପାଇଁ ବିଦ୍ୟାଳୟରୁ ମନୋନୀତ ହୋଇଥିବା ଛାତ୍ରୀ ମିନତୀ ସିଂ, ଟିକିଲି ସିଂ, ଦୀପା ସିଂ ଓ ସୁଲେଖା ସିଂ ଭାଗ ନେଉଥିବା ବେଳେ, ଉକ୍ତ ଛାତ୍ରୀ ମାନଙ୍କ ସମସ୍ତ ପ୍ରମାଣପତ୍ର ସହ ବିଦ୍ୟାଳୟ କର୍ତ୍ତୃପକ୍ଷ ଜଣେ ଖେଳ ପ୍ରଶିକ୍ଷକଙ୍କୁ ଛାତ୍ରୀ ମାନଙ୍କ ସମସ୍ତ ଦାୟୀତ୍ୱ ପ୍ରଦାନ କରିଛନ୍ତି। ଏନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଅବଗତ କରିଥିବା ସୂଚନା ମିଳିଛି।

ବାଲେଶ୍ୱର ଜିଲ୍ଲାର ଷଷ୍ଠ ଜିଲ୍ଲା ପରିଷଦର ଷଷ୍ଠ ବୈଠକ ଅନୁଷ୍ଠିତ

ବାଲେଶ୍ୱର, ୦୪/୧୦ (ନି.ପ୍ର): ସ୍ଥାନୀୟ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷଠାରେ ବାଲେଶ୍ୱର ଜିଲ୍ଲାର ଷଷ୍ଠ ଜିଲ୍ଲା ପରିଷଦର ଷଷ୍ଠ ବୈଠକ ଆଜି ଜିଲ୍ଲା ପରିଷଦର ଅଧ୍ୟକ୍ଷ ଶ୍ରୀ ନାରାୟଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ଓ ଏହି ବୈଠକରେ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶ, ଶାସକ ଦଳର ଉପମୁଖ୍ୟ ସଚେତକ ତଥା ମାନ୍ୟବର ବିଧାୟକ, ରେମୁଣା ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ, ମାନ୍ୟବର ବାଲେଶ୍ୱର ସାଂସଦଙ୍କ ପ୍ରତିନିଧି ଶ୍ରୀ ଉମାକାନ୍ତ ମହାପାତ୍ର, ମାନ୍ୟବର ବିଧାୟକ, ସିମୁଳିଆ ଶ୍ରୀଯୁକ୍ତ ପଦ୍ମଲୋଚନ ପଣ୍ଡା, ମାନ୍ୟବର ବିଧାୟକ ଜଳେଶ୍ୱର ଶ୍ରୀ ଅଶ୍ୱିନୀ ପାତ୍ର , ମାନ୍ୟବର ବିଧାୟକ, ବାଲେଶ୍ୱର ସଦର ଶ୍ରୀ ମାନସ କୁମାର ଦତ୍ତ, ମାନ୍ୟବର ବିଧାୟକ, ନୀଳଗିରି ଶ୍ରୀ ସନ୍ତୋଷ ଖଟୁଆ, ମାନ୍ୟବର ବିଧାୟିକା ବସ୍ତା ଶ୍ରୀମତୀ ସୁବାସିନୀ ଜେନା, ମାନ୍ୟବର ବିଧାୟକ ସୋର ଶ୍ରୀ ମାଧବ ଧଡ଼ା, ମାନ୍ୟବର ବିଧାୟକ ଭୋଗରାଇ ଶ୍ରୀ ଗୌତମବୁଦ୍ଧ ଦାସ ଓ ଜିଲ୍ଲାପରିଷଦର ମାନ୍ୟବର ଉପାଧ୍ୟକ୍ଷା ଶ୍ରୀମତୀ ଅନଶୁୟା ପ୍ରଧାନ ମଞ୍ଚାସୀନ ଥିଲେ ଓ ସଭା ପ୍ରାରମ୍ଭରେ

ମାନ୍ୟବର ଜିଲ୍ଲାପରିଷଦ ଅଧ୍ୟକ୍ଷ ଶ୍ରୀ ପ୍ରଧାନ ସମସ୍ତ ମଞ୍ଚାସୀନ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ବୈଠକରେ ମାନ୍ୟବର ଜିଲ୍ଲା ପରିଷଦର ସମସ୍ତ ଉପସଭାପତି, ସଦସ୍ୟ/ସଦସ୍ୟା, ପଞ୍ଚାୟତ ସମିତିର ଅଧ୍ୟକ୍ଷ/ଅଧ୍ୟକ୍ଷା ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ବିଭିନ୍ନ ବିଭାଗୀୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ବିଶ୍ୱରଞ୍ଜନ ନାୟକ ବୈଠକ ପରିଚାଳନା କରିଥିଲେ ଓ ଏହି ବୈଠକରେ ଜିଲ୍ଲାର ବିକାଶ ପାଇଁ ଆସୁଥିବା ଅନୁଦାନର ଉଚିତ ବିନିଯୋଗ ଏବଂ ଯୋଜନାର ସଫଳ ରୂପାୟନ ସମ୍ପର୍କରେ ତୃଣମୂଳସ୍ତରରେ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟାନ୍ୱୟନକୁ କିଭଳି ତ୍ୱରାନ୍ୱିତ କରାଯାଇ ପାରିବ ସେ ସମ୍ପର୍କରେ ଉପସ୍ଥିତ ସଦସ୍ୟ/ସଦସ୍ୟାମାନେ ମତ ଉପସ୍ଥାପନା କରିଥିଲେ। ସଭାରେ ସର୍ବପ୍ରଥମେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଯୋଜନା ଭିତ୍ତିକ କନିଷ୍ଠ ଶିକ୍ଷକ ପୂରଣ ନିମନ୍ତେ ମୋଟ ୬୦୦ ଜଣ ଯୋଗ୍ୟ ପ୍ରାର୍ଥୀଙ୍କର ଦରଖାସ୍ତ ଯାଞ୍ଚ କରାଯାଇ ଚୂଡାନ୍ତ ତାଲିକାର ଅନୁମୋଦନ। ନିଯୁକ୍ତି ପତ୍ର ପ୍ରଦାନ ସମ୍ବନ୍ଧରେ ସଭାରେ ବିସ୍ତୃତ ଆଲୋଚନା କରାଯାଇଥିଲା ଓ ଏହା ପରେ ଚଳିତ ବର୍ଷ ୨୦୨୪-୨୫ ନିମନ୍ତେ ପଞ୍ଚମ ଏସଏଫସି ଜିଆଇଏ ଯୋଜନାରେ ବିଭିନ୍ନ ପଂଚାୟତ ସମିତିରୁ ପ୍ରାପ୍ତ ହୋଇଥିବା ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା ଏହା ପରେ ସମ୍ପ୍ରତି ବନ୍ୟା ମୁକାବିଲା ସମ୍ବନ୍ଧୀୟ ଆଲୋଚନା କରାଯାଇ ପ୍ରବଳ ବର୍ଷା ହେତୁ ସୁବର୍ଣ୍ଣରେଖା ଓ ଅନ୍ୟ ନଦୀରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି ପାଇଁ ଭୋଗରାଇ, ବସ୍ତା, ବାଲିଆପାଳ, ଜଳେଶ୍ୱର, ସଦର, ରେମୁଣା ଓ ସୋର ବ୍ଲକରେ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଆଯାଇଥିବା ସମସ୍ତ ପଦକ୍ଷେପ ଓ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯାଇଥିଲା। ସେହି ଭଳି ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ତଥ୍ୟ ପ୍ରଦାନ କରିବା ସହିତ ଉନ୍ନତମାନର ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ଖୁବ ଶୀଘ୍ର ନୂଆ ଡାକ୍ତର, ନର୍ସ ଓ ଅନ୍ୟ ଷ୍ଟାଫଙ୍କ ନିଯୁକ୍ତି କରାଯାଇ ଆବଶ୍ୟକୀୟ ଚିକିତ୍ସାଳୟଗୁଡ଼ିକରେ ଖାଲି ପଡ଼ିଥିବା ପଦବୀଗୁଡ଼ିକୁ ପୁରଣ କରାଯିବ ବୋଲି ସୂଚନା ଦେଇଥିଲେ ଓ ସେହିଭଳି ଜିଲ୍ଲା ସଂସ୍କୃତି ଅଧିକାରୀ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ଜିଲ୍ଲାରେ ପଞ୍ଜିକୃତ ହୋଇଥିବା କଳାକାରଙ୍କ ସବିଶେଷ ତଥ୍ୟ ଉପସ୍ଥାପନା କରିଥିଲେ । ଏଥିସହିତ ବନ ବିଭାଗ, ଗ୍ରାମୀଣ ଜଳ ଯୋଗାଣ ଏବଂ ପରିମଳ ବିଭାଗ ଭଳି ଅନ୍ୟାନ୍ୟ ବିଭାଗର ବିଭିନ୍ନ ପ୍ରସଙ୍ଗ ଉପରେ ସଭାରେ ଆଲୋଚନା କରାଯାଇଥିଲା । ବୈଠକରେ ଉପସ୍ଥିତ ସମସ୍ତ ଜନପ୍ରତିନିଧି ବିଭିନ୍ନ ବିଭାଗୀୟ କାର୍ଯ୍ୟ ଉପରେ ସେମାନଙ୍କ ଅଞ୍ଚଳର ଦାବୀ, ସମସ୍ୟା ଓ ସମାଧାନ ଉପରେ ମତ ବିନିମୟ କରି କର୍ତ୍ତୃପକ୍ଷଙ୍କଠାରୁ ପ୍ରତିଶ୍ରୁତି ହାସଲ କରିଥିଲେ। ସଭାରେ ପଚରାଯାଇଥିବା ସମସ୍ତ ଯୁକ୍ତିଙ୍କୁ ଯଥାଶୀଘ୍ର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ବିକାଶ ପ୍ରତିଶ୍ରୁତି ଦେଇ ଥିଲେ ଏବଂ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଏହି ସମସ୍ୟା ଗୁଡ଼ିକ ପ୍ରତି ଆବଶ୍ୟକ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବୈଠକ ଶେଷରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ମିଳିତ ସାମ୍ବାଦିକ ସଙ୍ଘ ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ

ଜଳେଶ୍ୱର, ୦୪/୧୦ (ନି.ପ୍ର): ଗୋଟିଏ ବୃକ୍ଷ ଗୋଟିଏ ଜୀବନ, ଗଛ ଲଗାଅ ଜୀବନ ବଞ୍ଚାଅ ଏହି ଲାରାରେ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ମିଳିତ ସାମ୍ବାଦିକ ସଂଘ ପକ୍ଷରୁ ଆରୁହା ପଞ୍ଚାୟତ ଶାଳିକୋଠା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ଅମର ଆଚାର୍ଯ୍ୟ ଓ ସମ୍ପାଦକ ସତ୍ୟବ୍ରତ ପ୍ରଧାନଙ୍କ ତତ୍ତ୍ୱାବଧାନର